# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK  ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.38 Bhubaneswar Wednesday, March 16, 2022 | ୨୫ତମ ବର୍ଷ | ସଂଖ୍ୟା–୩୮ | ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୬, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS


## ମାନସ ହତ୍ୟା ପଛରେ ମେମୋରୀ ଚିପ୍ ଓ ୱେବ୍ ପୋର୍ଟାଲ୍ ମାଲିକାଣୀ !





ନୟାଗଡ଼/ଚାନ୍ଦବାଲ, ୧୫ ।୩(ପି.ଏନ) : କାହିଁକି କ୍ୟାମେରା ମ୍ୟାନ୍ ମାନସ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା ଏହାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗିରହିଥିବା ବେଳେ ପୁଲିସ୍‌କୁ ମିଳିଛି ଗୋଟିଏ ଖିଅ । ଆଉ ତାହା ହେଉଛି ଏକ ମେମୋରୀ ଚିପ୍ । ଏହି ମେମୋରୀ ଚିପ୍‌ରେ କାଳେ ରହିଛି ମାନସଙ୍କ ମାଲିକାଣୀଙ୍କ ଗୁପ୍ତ ତଥ୍ୟ, ଯିଏ ଚଳାଉଥିଲେ ଏକ ୱେବ୍ ପୋର୍ଟାଲ୍ । ଏବେ ପୁଲିସ୍ ଉକ୍ତ ମେମୋରୀ ଚିପ୍ ? ଓ ମାଲିକାଣୀଙ୍କୁ ଖୋଜୁଛି ।ନୟାଗଡ଼ ଜିଲ୍ଲା ରଣପୁର ଥାନା ଗୋଡିପୋଖରୀ ଗାଁର ମାନସ ସ୍ୱାଇଁ ଭୁବନେଶ୍ୱରରେ 'ସମ୍ପୂର୍ଣ୍ଣା' ନାମକ ଏକ ୱେବ୍ ପୋର୍ଟାଲରେ କ୍ୟାମେରା ମ୍ୟାନ୍ ଭାବେ କାମ କରୁଥିଲେ । ସେଠାରେ କାମ କରିବାର କିଛି ଦିନ ପରେ ଚାକିରି ଛାଡି ଦେଇଥିଲେ । ଚାକିରି ଛାଡିବା ବେଳେ ମାନସ ୱେବ୍ ପୋର୍ଟାଲର କିଛି ଗୁପ୍ତ ତଥ୍ୟ ଥିବା ମେମୋରୀ ଚିପ୍ ନେଇଯାଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ବିଚଳିତ ହୋଇପଡିଥିଲେ ୱେବ୍ ପୋର୍ଟାଲ କର୍ତ୍ତୃପକ୍ଷ(ମାଲିକାଣୀ) । ଚୋରି କରିଥିବା ମେମୋରୀ ଚିପ୍ ଫେରାଇବାକୁ ଅନୁରୋଧ କରିଥିଲେ । ହେଲେ ଧରାଛୁଆଁ ଦେଇନଥିଲେ ମାନସ । ଯାହାକୁ ନେଇ ୱେବ୍ ପୋର୍ଟାଲ୍ କର୍ତ୍ତୃପକ୍ଷ ଚିନ୍ତାରେ ପଡି ଯାଇଥିଲେ । ଆଉ ତା'ପରେ ମାନସଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ ୱେବ୍ ପୋର୍ଟାଲ୍ କର୍ତ୍ତୃପକ୍ଷ । ସେପଟେ ମାନସ ଚାକିରି ଛାଡିବା ପରେ ବାହାଘର ସୁଟିଂ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ଫେବ୍ରୁଆରୀ ୬ ତାରିଖରେ ସେ ଓ ତାଙ୍କ ସାଙ୍ଗ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପଳାଶପୁର ଗାଁରେ ହୋଇଥିବା ବିବାହ କାର୍ଯ୍ୟକ୍ରମରେ ଭିଡିଓ ସୁଟିଂ କରିବାକୁ ଯାଇଥିଲେ । ତା'ପର ଦିନ ଅର୍ଥାତ ୭ ତାରିଖରେ ଦୁଇ ସାଙ୍ଗ ଭୁବନେଶ୍ୱର ଫେରୁଥିଲେ । ହେଲେ ଅଧା ରାସ୍ତାରୁ ୱେବ୍ ପୋର୍ଟାଲ କର୍ତ୍ତୃପକ୍ଷ, ଲୋକ ଲଗାଇ ବୋଲେରୋରେ ମାନସଙ୍କୁ ଅପହରଣ କରିନେଇଥିଲେ । ମାନସଙ୍କୁ ଭୁବନେଶ୍ୱର ଆଣି 'ସମ୍ପୂର୍ଣ୍ଣା' ଅଫିସ୍ ପାଖରେ ଏକ ଘର ଭିତରେ ପୂରାଇ ନିର୍ଘୁମ ଛେଚିଥିଲେ । ଆଉ ମେମୋରୀ ଚିପ୍ ବିଷୟରେ ପଚାରିଥିଲେ ।ମାଡ ମାରୁଥିବା ବେଳେ ମାନସଙ୍କ ମୃତ୍ୟୁ ଘଟିଥିଲା । ଏହା ପରେ ଅପହରଣକାରୀମାନେ ଚିନ୍ତାରେ ପଡିଯାଇଥିଲେ । କଣ କରିବେ ଭାବି ମୃତଦେହକୁ ପୋଡିଦେବା ପାଇଁ ଯୋଜନା କରିଥିଲେ । ଫେବ୍ରୁଆରୀ ୮ ତାରିଖ ରାତିରେ ମାନସଙ୍କ ମୃତଦେହକୁ ନୟାଗଡ଼ ଜିଲ୍ଲା ରାଜସୁନାଖଳା ନିକଟସ୍ଥ ବଧିପାଟଣା ପାହାଡ଼ ତଳେ ପୋତି ଦେଇଥିଲେ । ଆଉ ତା'ପରେ ଚୁପ୍‌ଚାପ୍ ଘରକୁ ଫେରି ଆସିଥିଲେ ।ଅନ୍ୟପକ୍ଷରେ ପୁଅ ଘରକୁ ନଫେରିବାରୁ ପରିବାର ଲୋକ ଚିନ୍ତାରେ ପଡି ଯାଇଥିଲେ । ହଜିଲା ପୁଅକୁ ଚାରିଆଡ ଖୋଜି ଥିଲେ । ମାତ୍ର ପରିବାର ଲୋକ ମାନସଙ୍କ ପତ୍ତା ପାଇନଥିଲେ । ଏନେଇ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ଭୁବନେଶ୍ୱର ଓ ଚାନ୍ଦବାଲି ଥାନାରେ ମଧ୍ୟ ପରିବାର ଲୋକେ ଅଭିଯୋଗ କରିଥିଲେ । ଚାନ୍ଦବାଲି ଥାନା ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।ପୁଲିସ୍ ପ୍ରଥମେ ପଳାଶପୁରକୁ ଯାଇଥିଲା । ସେଠାରୁ ମାନସଙ୍କ ସାଙ୍ଗରେ ଯାଇଥିବା ଯୁବକଙ୍କ ସମ୍ପର୍କରେ ସୂଚନା ପାଇଥିଲା । ଏହା ପରେ ପୁଲିସ୍ ସମ୍ପୃକ୍ତ ଯୁବକକୁ ଉଠାଇ ଆଣିଥିଲା । ତାକୁ ଜେରା ପରେ ସେ ଅପହରଣ ନେଇ କହିଥିଲା । ତାଙ୍କ ବୟାନ ଆଧାରରେ ପୁଲିସ୍ ଅପହରଣରେ ବ୍ୟବହୃତ ହୋଇଥିବା ବୋଲେରୋ ଡ୍ରାଇଭର୍ ଭାଗ୍ୟଧର ନାୟକକୁ ଗିରଫ କରିଥିଲା । ଭାଗ୍ୟଧରଙ୍କ ବୟାନ୍ ଆଧାରରେ ପୁଲିସ୍ ରଣପୁର ଥାନା ଧମଡା ଗାଁର ବିବେକ ନାୟକ ଓ ପୁରୁଣା ଭୁବନେଶ୍ୱରର ମୋହରିର କୃଷ୍ଣଚନ୍ଦ୍ର ନାୟକଙ୍କୁ ଗିରଫ କରିଥିଲା । ଏଥିସହ ପୋତା ଯାଇଥିବା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି ।ମାନସ୍ ହତ୍ୟାକାଣ୍ଡରେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଥିଲେ ସୁଦ୍ଧା ଆହୁରି ସସ୍ ?ପେନ୍ସ ବାକି ରହିଛି । ଏହି ହତ୍ୟାକାଣ୍ଡରେ ୱେବ୍ ପୋର୍ଟାଲ୍ ମାଲିକାଣୀ ଓ ଅନ୍ୟ ଜଣେ ମହିଳାଙ୍କ ହାତ ଥିବା ପୁଲିସ୍ ସନ୍ଦେହ କରୁଛି । ସେଥିପାଇଁ ମାଲିକାଣୀଙ୍କୁ ଜେରା କରିବାକୁ ଚାହୁଁଛି । ମାତ୍ର ସେ ଫେରାର ଥିବା ଜଣାପଡିଛି ।

## କାଲିଠାରୁ ୧୨ରୁ ୧୪ ବର୍ଷ ବୟସର ପିଲାଙ୍କୁ ଦିଆଯିବ କୋଭିଡ୍ ଟିକା




ଭୁବନେଶ୍ୱର, ୧୫ ।୩(ପି.ଏନ): କରୋନା ମାମଲା ହ୍ରାସ ପାଉଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ପରାମର୍ଶରେ ରାଜ୍ୟ ସରକାର ଆସନ୍ତାକାଲି ଅର୍ଥାତ ବୁଧବାରଠୁ ୧୨ରୁ ୧୪ବର୍ଷ ବୟସର ପିଲାମାନଙ୍କର କୋଭିଡ୍ ଟିକାକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବର୍ଗର ରାଜ୍ୟର ପ୍ରାୟ ୧୫.୨୧ଲକ୍ଷ ପିଲା କୋଭିଡ୍ ଟିକା ନେବେ । ଏବେ ରାଜ୍ୟ ସରକାରଙ୍କ ପାଖରେ ୧୫.୪୭ଲକ୍ଷ ଡୋଜ୍ ଟିକା ଉପଲବ୍ଧ ରହିଛି ।ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆସନ୍ତାକାଲିଠୁ ୧୨ରୁ୧୪ବର୍ଷ ବୟସର ପିଲାମାନଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ। ୨୦୧୦ ମାର୍ଚ୍ଚ ୧୫ତାରିଖ ପୂର୍ବରୁ ଜନ୍ମିତ ପିଲାମାନେ ଏହି ଟିକା ନେବେ । ଟିକା ନେବାପାଇଁ ଜନ୍ମ ପ୍ରମାଣପତ୍ର ଦେଖାଇବାକୁ ପଡିବ । ଏଣିକି ଜନ୍ମ ତାରିଖ ଆଧାରରେ ଟିକା ପ୍ରଦାନ କରାଯିବ । ଏଥିପାଇଁ ଉଭୟ ଅନଲାଇନ ଓ ଅଫଲାଇନରେ ପଞ୍ଜିକରଣ କରିହେବ। ୨୮ଦିନର ବ୍ୟବଧାନରେ ଦୁଇଟି ଡୋଜ୍ ଟିକା ଦିଆଯିବ। ହାଇଦ୍ରାବାଦ କମ୍ପାନୀ ବାୟୋଲଜିକାଲ ଇ.ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ କୋର୍ବ ?ଭାକ୍ସ ଟିକା ପିଲାମାନଙ୍କୁ ଦିଆଯିବ । ପିଲାମାନଙ୍କ ଏହି ଟିକା ପାଇଁ ଆସନ୍ତାକାଲି ସକାଳ ୯ଟାରୁ ଅନଲାଇନ୍ ପଞ୍ଜିକରଣ ଆରମ୍ଭ ହେବ । ଏହାସହିତ ଟିକାକରଣ କେନ୍ଦ୍ରରେ ମଧ୍ୟ ଟିକା ଦେବାର ସୁବିଧା ଉପଲବ୍ଧ ହେବ । ପିଲାମାନେ ନିଜର ପରିବାର ସଦସ୍ୟଙ୍କ ସହ ଅବା ଭିନ୍ନ ଭାବେ ପଞ୍ଜିକରଣ କରିପାରିବେ । ଆଧାର କାର୍ଡ ନଥିଲେ ପିଲାଙ୍କ ସ୍କୁଲ ଆଇକାର୍ଡରେ ମଧ୍ୟ ପଞ୍ଜିକରଣ କରିହେବ । ଚାରିଜଣିଆ ସଦସ୍ୟ ବିଶିଷ୍ଟ ପରିବାର ଗୋଟିଏ ମୋବାଇଲ ନମ୍ବରରେ ପଞ୍ଜିକରଣ କରିପାରିବେ । ସ୍କୁଲ ଶିକ୍ଷକମାନେ ଏହି ଟିକାକରଣ ଅଭିଯାନରେ ସହଯୋଗ କରିବେ । ପ୍ରଥମ ପର୍ଯ୍ୟାୟରେ ସ୍କୁଲ ସମୟରେ ଏହି ଟିକାକରଣ କାର୍ଯ୍ୟ କରିବାକୁ ସିଡିଏମଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସହ ସମନ୍ୱୟ ରକ୍ଷା କରି ଶିକ୍ଷା ବିଭାଗ ଏହି ଟିକାକରଣ ଅଭିଯାନକୁ ସୁଗମ କରାଇବ । ଉଲ୍ଲେଖଯୋଗ୍ୟ, ଜାନୁୟାରୀ ୩ରୁ ରାଜ୍ୟ ସରକାର ୧୫ରୁ ୧୮ବର୍ଷ ବୟସର ସମସ୍ତ ପିଲାଙ୍କ କୋଭିଡ୍ ଟିକାକରଣ କରାଇଥିଲେ । ଏହାସହିତ ୬୦ବର୍ଷ ବୟସରୁ ଅଧିକ ସମସ୍ତ ବ୍ୟକ୍ତି ବୁଧବାରଠୁ ବୁଷ୍ଟର ଡୋଜ୍ ନେଇପାରିବେ ।

## ଲକ୍ଷ୍ମୀସାଗର ଗଣ୍ଡଗୋଳ ଘଟଣାରେ ଶିଖର ଜେନା ଗିରଫ

ଭୁବନେଶ୍ୱର, ୧୫ ।୩(ପି.ଏନ): ରାଜଧାନୀ ଭୁବନେଶ୍ୱରର ଲକ୍ଷ୍ମୀସାଗର ୱାର୍ଡ ନମ୍ବର ୩୩ରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଲକ୍ଷ୍ମୀସାଗର ପୋଲିସ୍ ଅଭିଯୁକ୍ତ ଶିଖର ଜେନାକୁ ଗିରଫ କରିଛି । ଶିଖରକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ୍ । ଶିଖରଙ୍କ ନାଁରେ ଆର୍ମସ୍ ଆକ୍ଟ ଓ ୩୦୭ ଧାରାରେ ମାମଲା ରୁଜୁ ହୋଇଛି । ଅନ୍ୟପଟରେ ଏହାର ପ୍ରତିବାଦରେ ଶିଖର ଜେନାର ସମର୍ଥକମାନେ ଥାନା ଘେରାଉ କରିଛନ୍ତି । ସୂଚନା ଅନୁସାରେ ଲକ୍ଷ୍ମୀସାଗର ୱାର୍ଡ ନମ୍ବର ୩୩ରେ ପ୍ରାକ୍ ନିର୍ବାଚନୀ ହିଂସା ଘଟଣାରେ ଏପର୍ଯ୍ୟନ୍ତ ବିଜେପିର ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୭ ଜଣ ବିଜେଡି କର୍ମୀ ଗିରଫ ହୋଇଛନ୍ତି । ବିଜେପି ପ୍ରାର୍ଥିନୀ ଧରିତ୍ରୀ ଜେନାଙ୍କ ଦିଅର ରାକେଶ ଜେନାକୁ ଗିରଫ ନେଇ ବିବାଦ ଦେଖାଦେଇଛି । ପ୍ରତିବାଦରେ ବିଜେପି ପକ୍ଷରୁ ସନ୍ଧ୍ୟା ସମୟରେ ଲକ୍ଷ୍ମୀସାଗର ଥାନା ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।ବିଜେପି ପକ୍ଷରୁ କୁହାଯାଇଛି ଯେ, ହିଂସାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ । ଅଥଚ ପୁଲିସ ନିର୍ବାଚନ ପରିଚାଳନା କରୁଥିବା ଧରିତ୍ରୀ ଜେନାଙ୍କ ଦିଅର ରାକେଶଙ୍କୁ ଗିରଫ କରି ଭୋଟରଙ୍କୁ ପ୍ରଭାବିତ କରିଛି । ତାଙ୍କୁ ତୁରନ୍ତ ଛାଡ଼ିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଜେପି ଦୃଢ଼ ଦାବି କରିଛି । ରାକେଶଙ୍କୁ ଛଡ଼ାନଗଲେ ଥାନା ସମ୍ମୁଖରେ ଧାରଣା ଜାରି ରହିବ । ଦରକାର ପଡ଼ିଲେ ଆଗକୁ ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ବିଜେପି ଜିଲ୍ଲା ସଭାପତି ବାବୁ ସିଂହ ଚେତାବନୀ ଦେଇଛନ୍ତି । ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଥାନା ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## କୋଭିଡ କଟକଣା ମଧ୍ୟରେ ଚାଲିବ ବିଧାନସଭା ଅଧିବେଶନ

ଭୁବନେଶ୍ୱର, ୧୫ ।୩ (ପି.ଏନ): ଓଡିଶା ବିଧାନସଭାର ବଜେଟ ଅଧିବେଶନ କରୋନା କଟକଣା ମଧ୍ୟରେ ଚାଲିବ । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଆୟୋଜିତ ହୋଇଛି । ବୈଠକ ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୂଚନା ଦେଇ କହିଛନ୍ତି ଯେ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେ କହିଛନ୍ତି ଯେ, ଆଗାମୀ ଦିନରେ ବସିବାକୁ ଥିବା ବଜେଟ ଅଧିବେଶନ ପୂର୍ବରୁ ଯେଉଁ ୫ ଘଂଟା ଚାଲୁଥିଲା । ଏବେ ସେଇ ୫ ଘଂଟା ଚାଲିବ । କୋଭିଡ଼ କଟକଣାରେ ବିଧାନସଭାର ଚଳିତ ବଜେଟ ଅଧିବେଶନ ଚାଲିବ । ଅଧିବେଶନ ପୂର୍ବରୁ ସମସ୍ତ ବିଧାୟକ, ମନ୍ତ୍ରୀଙ୍କର କୋଭିଡ଼ ଟେଷ୍ଟ କରାଯିବ । ନେଗେଟିଭ୍ ରିପୋର୍ଟ ଥିବା ବ୍ୟକ୍ତିଙ୍କୁ ବିଧାନସଭାରେ ପ୍ରବେଶ ପାଇଁ ଅନୁମତି ମିଳିବ ।ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୨୫ରୁ ଆରମ୍ଭ ହେବ ବିଧାନସଭା ବଜେଟ ଅଧିବେଶନ । ବଜେଟ ଅଧିବେଶନରେ ମୋଟ ୬ଟି କାର୍ଯ୍ୟ ଦିବସ ରହିବ । ପ୍ରଥମ ଦିନ ଗୃହକୁ ସମ୍ବୋଧନ କରିବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଦୁଇ ଦିନ ଧରି ଆଲୋଚନା ହେବ । ୩୦ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ କାମଚଳା ବଜେଟ ଆଗତ କରିବେ । ୩୧ ତାରିଖରେ ବ୍ୟୟ ମଂଜୁରୀ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଗୋଟିଏ ଦିନରେ ୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫ ।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୭୭୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୬୭୭୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୨୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୭୮ ଜଣଙ୍କ ମଧ୍ୟରୁ ୪୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥବା ସୂଚନା ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରୁ ସବୁଠାରୁ ଅଧିକ ୧୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୮ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥବା ବେଳେ ନୂଆପଡା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାୟଗଡ଼ା ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସୁନ୍ଦରଗଡ଼ରୁ ୮, ଷ୍ଟେଟ୍ ପୁଲରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୨୪ ଘଂଟାରେ ଲଘୁଚାପ , ବାତ୍ୟା ସମ୍ଭାବନା ନାହିଁ

ଭୁବନେଶ୍ୱର, ୧୫ ।୩(ପି.ଏନ): ଆଗାମୀ ୨୪ ଘଂଟା ମଧ୍ୟରେ ଭାରତ ମହାସାଗର-ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏହା ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା କିମ୍ବା ବାତ୍ୟା ହେବାର କୌଣସି ସୂଚନା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି ।ଅପରପକ୍ଷରେ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଏ ଯାଏ ବାତ୍ୟା ସମ୍ପର୍କରେ କୌଣସି ଆକଳନ କରାଯାଇ ନାହିଁ। ସେହିପରି ଭୁବନେଶ୍ୱରସ୍ଥିତ ପାଣିପାଗ କାର୍ଯ୍ୟାଳୟର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି, ଗତ ୧୦ ତାରିଖରେ କେନ୍ଦ୍ରୀୟ ଦକ୍ଷିଣ ବଙ୍ଗୋପସାଗର ଅଂଚଳ ଓ ଆଖପାଖ ଭାରତ ମହାସାଗର ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ।

## କାଲିଠୁ ୩ ଦିନ ଯାଏଁ ପ୍ରବଳ ତାତି



ଭୁବନେଶ୍ୱର, ୧୫ ।୩(ପି.ଏନ): ଆସନ୍ତା କାଲିଠୁ ରାଜ୍ୟରେ ବଢିବ ତାତି । କାଲିଠାରୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମଲହର ହେବା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ନେଇ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସୂଚନା ଅନୁଯାୟୀ ଆସନ୍ତା କାଲି ପଶ୍ଚିମ ଓଡ଼ିଶାର ସୋନପୁର , ବୌଦ୍ଧ ,ବଲାଙ୍ଗିର, ଅନୁଗୁଳ,ନୟାଗଡ, ଖୋର୍ଦ୍ଧା,ବାଲେଶ୍ୱର ଓ ମୟୁରଭଂଜ ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୭ ତାରିଖ ପାଇଁ ସୋନପୁର, ବୌଦ୍ଧ,ବଲାଙ୍ଗିର, ଅନୁଗୁଳ, ନୟାଗଡ଼ , ଖୋର୍ଦ୍ଧା , ବାଲେଶ୍ୱର, ମୟୁରଭଂଜ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୮ ତାରିଖ ପାଇଁ ସୋନପୁର, ବୌଦ୍ଧ, ବଲାଙ୍ଗିର, ଅନୁଗୁଳ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଛୋଟ ପିଲା , ବୃଦ୍ଧ ଏବଂ ରୋଗୀଙ୍କ ପାଇଁ ଖରା ଅସହ୍ୟ ହୋଇପାରେ। ପ୍ରବଳ ତାତିକୁ ଦୃଷ୍ଟିରେ ରଖି ଦିନ ୧୧ ଟାରୁ ସାଢେ ୩ଟା ମଧ୍ୟରେ ବାହାରକୁ ଯାଉଥିଲେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଅପରପକ୍ଷରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ହେବାକୁ ଥିବାରୁ ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରାଇଲେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ ଜେନା । ଅନଗୁଳ, ବାଲେଶ୍ୱର, ବୌଦ୍ଧ, ବଲାଙ୍ଗୀର, ଝାରସୁଗୁଡ଼ା, ଖୋର୍ଦ୍ଧା, ମୟୂରଭଂଜ, ନୟାଗଡ଼, ସମ୍ବଲପୁର ଓ ସୋନପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଏସ୍ ଆରସି ।ଏହା ସହିତ ଏ ସଂକ୍ରାନ୍ତରେ ଲୋକମାନଙ୍କୁ ଅବଗତ କରାଇବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ଶିଶୁ, ବୟସ୍କ ଓ ଅସୁସ୍ଥ ଲୋକ ଘରୁ ନ ବାହାରିବାକୁ ପରାମର୍ଶ । ଦ୍ୱିପ୍ରହରେ ଘରୁ ବାହାରିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ । ପରିସ୍ଥିତି ଉପରେ ନଜର ରଖି ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ଏସଆରସି ।

## ଶବ୍ଦ ପ୍ରଦୂଷଣ କରୁଥିବା ୫୧ଟି ଗାଡି ସାଇଲେନ୍ସର ଜବତ

ଭୁବନେଶ୍ୱର, ୧୫ ।୩(ପି.ଏନ): ସହରରେ ବିକଟାଳ ଶବ୍ଦ କରୁଥିବା ବୁଲେଟ ସାଇଲେନସର ଜବତ ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ଗାଡି ପାର୍ଟସ୍ ସୋରୁମ୍ ରେ ଚଢାଉ କରାଯାଇଛି । ଚଢାଉ ବେଳେ ପୋଲିସ୍ ୫୧ଟି ସାଇଲେନ୍ସର ଜବତ କରିଛି । କମିଶନରେଟ୍ ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ପଟିଆ ଛକରେ ଥିବା ବନଦୁର୍ଗା କାଇନେଟିକ ୱାଲର୍ଡ , ଅରମାନ ବାଇକ ୱାଲର୍ଡ ଷ୍ଟୋଆର୍ ପାର୍ଟସ ସୋରୁମରେ ଚଢ଼ାଉ କରିଛି । ପଟିଆ ବନଦୁର୍ଗା କାଇନେଟିକ ୱାଲର୍ଡରୁ ୨୧ଟି ଓ ଡମଣା ଅରମାନ ବାଇକ ୱାଲର୍ଡରୁ ୩୦ଟି ବିକଟାଳ ଶବ୍ଦ କରୁଥିବା ସାଇଲେନସର ଜବତ କରିଛି କମିଶନରେଟ୍ ପୋଲିସ୍ ।ସୂଚନାଯୋଗ୍ୟ, ଏଭଳି ବିକଟାଳ ଶବ୍ଦ କରୁଥିବା ବାଇକ ଓ ବୁଲେଟ ଚଳାଇବା ଉପରେ କମିଶନରେଟ୍ ପୋଲିସ୍ ରୋକ ଲଗାଇଥିଲା । ଏହି ପରିପ୍ରେକ୍ଷୀରେ କିଛି ଦିନ ହେବ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ରାଜଧାନୀରେ କିଛି ଗାଡ଼ି ଜବତ ବି ହୋଇଥିଲା । ଏବେ ବିକଟାଳ ଶବ୍ଦ କରୁଥିବା ସାଇଲେନସର ବିକ୍ରି ଉପରେ ରୋକ ଲଗାଇବାକୁ କମିଶନରେଟ୍ ପୋଲିସ୍ ଉଦ୍ୟମ ଆରମ୍ଭ କରିଛି । ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶ କ୍ରମେ ବିକଟାଳ ଶବ୍ଦ କରୁଥିବା ବୁଲେଟ ସାଇଲେନସର ଜବତ ପାଇଁ ଏହି ଚଢ଼ାଉ ଚାଲିଛି ।

## ମାର୍ଚ୍ଚ ୨୨ ରୁ ୨୬ ମଦ ବିକ୍ରି ଉପରେ କଟକଣା

ଭୁବନେଶ୍ୱର, ୧୫ ।୩(ପି.ଏନ): ରାଜ୍ୟରେ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ତାରିଖ ଠାରୁ ୨୬ ଯାଏଁ ୫ ଦିନ ପାଇଁ ସହରାଂଚଳର ମଦ ଦୋକାନଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତି ହୋଇଛି । ଏହି ପରିପ୍ରେକ୍ଷୀରେ ମଦ ଦୋକାନ, ହୋଟେଲ, ରେଷ୍ଟୁରାଂଟ, କ୍ଲବ ଆଦି ସ୍ଥାନରେ ମଦ ବିକ୍ରି ଓ ପରିବେଷଣ ଉପରେ କଟକଣା ଲାଗୁ ହେବ । ରାଜ୍ୟ ଅବକାରୀ କମିଶନ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ରାଜ୍ୟ ଅବକାରୀ କମିଶନର ଆଶିଷ ସିଂ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆସନ୍ତା ୨୨ତାରିଖ ଅପରାହ୍ନ ୫ଟାରୁ ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୦୬ଟି ପୌର ପରିଷଦ ଓ ଏନଏସି ଏବଂ ୩ଟି ମହାନଗର ନିଗମ(କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର)ରେ ଡ୍ରାଏ ଡେ' ଘୋଷଣା କରି ମଦ ବିକ୍ରି ଉପରେ କଟକଣା ଜାରି କରିଛନ୍ତି । ମାର୍ଚ୍ଚ ୨୨ତାରିଖ ଅପରାହ୍ନ ୫ଟାରେ ପୌର ନିର୍ବାଚନ ପ୍ରଚାର ଶେଷ ହେଉଥିବାବେଳେ ମାର୍ଚ୍ଚ ୨୪ତାରିଖରେ ଭୋଟ୍ ଓ ୨୬ତାରିଖରେ ଭୋଟ ଗଣତି ରହିଛି । ତେଣୁ ପ୍ରଚାର ଶେଷଠୁ ୨୬ତାରିଖରେ ଭୋଟ ଫଳାଫଳ ଶେଷ ପର୍ଯ୍ୟନ୍ତ ଏସବୁ ସହରାଂଚଳରେ ମଦ ବିକ୍ରି ହୋଇପାରିବ ନାହିଁ । ମଦ ଦୋକାନଗୁଡ଼ିକ ମାର୍ଚ୍ଚ ୨୭ରୁ ସ୍ୱାଭାବିକ ଭାବେ ଖୋଲିବ । ଲୋକ ପ୍ରତିନିଧି ଆଇନ-୧୯୫୧ର ଧାରା ୧୩୫(ଗ) ଅନ୍ତର୍ଗତ କୌଣସି ସାର୍ବଜନୀନ ଓ ଘରୋଇ ସ୍ଥାନରେ ମଦ ବିକ୍ରି ଉପରେ କଟକଣା ଜାରି ହୋଇଛି ।କୌଣସି ମଦ ଦୋକାନ, ହୋଟେଲ, ରେଷ୍ଟୁରାଂଟ, କ୍ଲବ ଓ ଅନ୍ୟ ସ୍ଥାନଗୁଡ଼ିକରେ କାହାରିକୁ ଏହି ଅବଧି ମଧ୍ୟରେ ମଦ ବିକ୍ରି କରାଯାଇପାରିବ ନାହିଁ । ତାରକା ହୋଟେଲ, ରେଷ୍ଟୁରାଂଟ, କ୍ଲବ ଓ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ହୋଟେଲ ଯଦିଓ ସେମାନଙ୍କୁ ବିଭିନ୍ନ ବର୍ଗର ଲାଇସେନ୍ସ ପ୍ରଦାନ କରାଯାଇଥିବ,ତଥାପି ଏହି ଦିନଗୁଡ଼ିକରେ ମଦ ବିକ୍ରି ଉପରେ କଟକଣା ରହିବ । ସେହିପରି ବ୍ୟକ୍ତିଗତ ଭାବେ ଉକ୍ତ ଅବଧିରେ ବିନା ଲାଇସେନ୍ସରେ ଅଧିକ ପରିମାଣର ମଦ ରଖିଥିଲେ ଅବକାରୀ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଏସବୁକୁ ଦୃଷ୍ଟିରେ ରଖି ପୌର ନିର୍ବାଚନ ହେବାକୁ ଥିବା ଅଂଚଳଗୁଡ଼ିକରେ ମଦ ବିକ୍ରି ଆଦି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଅବକାରୀ, ପୋଲିସ ଓ ଜଙ୍ଗଲ କର୍ମଚାରୀଙ୍କ ଦ୍ୱାରା ମିଳିତ ଭାବେ ଚଢ଼ଉ ଜୋରଦାର କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

## ସିବିଏସଇ ଦଶମ ଓଡ଼ିଆ ପରୀକ୍ଷା ମୂଲ୍ୟାୟନ ତ୍ରୁଟି ଘଟଣା

ଭୁବନେଶ୍ୱର, ୧୫ ।୩(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼(ସିବିଏସଇ)ର ଦଶମ ଶ୍ରେଣୀ ଟର୍ମ-୧ ଓଡ଼ିଆ ପରୀକ୍ଷା ମୂଲ୍ୟାୟନ ତ୍ରୁଟି ଅଭିଯୋଗ ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ହସ୍ତକ୍ଷେପ ପରେ ସିବିଏସଇ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନେଇ ସମାଧାନ କରାଯାଇଛି । ଏହା ଦ୍ୱାରା ୨୮ ହଜାର ୩୧୦ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ।ଗତ ୧୧ ତାରିଖରେ ସିବିଏସ୍ ଇ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷାର ଓଡ଼ିଆ ବିଷୟରେ ଛାତ୍ରଛାତ୍ରୀଙ୍କୁ କମ୍ ମାର୍କ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଓଡିଆ ପରୀକ୍ଷାରେ ପ୍ରଶ୍ନ ଓ ଉତରରେ ସାମଞ୍ଜସ୍ୟ ନ ଥିବା ଅଭିଯୋଗ ହୋଇଥିଲା । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୪ ଘଂଟା ମଧ୍ୟରେ ଛାତ୍ରଛାତ୍ରୀଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସିବିଏସଇ ଏହାକୁ ଗୁରୁତ୍ୱର ସହ ନେଇ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ ଓ ଏହି କମିଟି ପରୀକ୍ଷାର ତ୍ରୁଟିକୁ ଅନୁଧ୍ୟାନ କରିଥିଲେ । ଏହି କମିଟିର ଅନୁଧ୍ୟାନ ରିପୋର୍ଟ ପ୍ରଦାନ କରାଯିବା ପରେ ରିପୋର୍ଟ ଆଧାରରେ ସିବିଏସ୍ଇ ଦଶମ ଶ୍ରେଣୀ ଓଡିଆ ବିଷୟର ଓଏମଆର ଗୁଡ଼ିକୁ ବିଶେଷଜ୍ଞ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ସଠିକ୍ ଉତର ସହ ମୂଲ୍ୟାଙ୍କନ କରିଥିଲେ । ଛାତ୍ରଛାତ୍ରୀଙ୍କ ସଂଶୋଧିତ ମୂଲ୍ୟାଙ୍କନ ମାର୍କକୁ ସଂପୃକ୍ତ ବିଦ୍ୟାଳୟକୁ ପଠାଯାଇଛି ।






# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।


> ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
> ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
> ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
> ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
> ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
> ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
>
> ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୧୬

# ଅଭ୍ୟାସ ହିଁ ସଫଳତାର ମାପକାଠି



**ସେ**ଦିନ ଜଣେ ଛାତ୍ର ନିଜର ଶିକ୍ଷକଙ୍କୁ ପଚାରିଥିଲା ହେ ମହାଶୟ! ବୁଦ୍ଧିର ବିକାଶପାଇଁ କ'ଣ କରିବାକୁ ପଡିବ ? ଉତର ଦେବାକୁ ଯାଇ ଶିକ୍ଷକ ଗୋଟିଏ ଧାଡିରେ କହିଥିଲେ-'ଅଭ୍ୟାସ ହିଁ ସଫଳତାର ମାପକାଠି', ଅଭ୍ୟାସ ବଳରେ ମଣିଷ ଅସାଧ



ସାଧନ କରିପାରିବ। ଶିକ୍ଷକଙ୍କର ସେହି ପଦକ କଥା ପ୍ରଶ୍ନ କରିଥିବା ଛାତ୍ରଙ୍କ ମନରେ ଗଭୀର ଆଲୋକପାତ କରିଥିଲା। ସେଦିନର ସେ ଛାତ୍ର ଜଣକ ଥିଲେ ପୃଥିବୀର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ, ଯାହାଙ୍କ ନାମ ଥିଲା 'ଆଲବର୍ଟ ଆଇନ୍‌ଷ୍ଟାଇନ୍'। ଯିଏ ୧୪ ମାର୍ଚ୍ଚ ୧୮୭୯ ମସିହାରେ ଜର୍ମାନୀ ସହରର ହ୍ୱିଟେନବର୍ଗରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ହରମାନ୍ ଆଇନଷ୍ଟାଇନ୍ ଯେ କି ଜଣେ ବିକ୍ରେତା ଓ ଯନ୍ତ୍ରୀ ଥିଲେ ଏବଂ ମାତା ପଲିନ୍ ଆଇନଷ୍ଟାଇନ୍ ଧର୍ମପରାୟଣା ପ୍ରକୃତିର ମହିଳା ସହିତ ସୁନ୍ଦର ପିଆନୋ ବାଦକ ଥିଲେ। ସେ ନିଜ ପୁତ୍ର ଆଲବର୍ଟଙ୍କୁ ମଧ୍ୟ ପିଆନୋ ବାଦକ କରିଥିଲେ। ମା'ଙ୍କ ପ୍ରେରଣାରେ ସେ ୫ବର୍ଷ ବୟସରୁ ପିଆନୋ ବଜାଇ ଶିଖିଥିଲେ। ପିଲାଟି ଦିନରୁ ଆଇନଷ୍ଟାଇନ୍ ଅତି ଶାନ୍ତ ସ୍ୱଭାବର ଥିଲେ। କଥା କହିବାକୁ ତାଙ୍କୁ ଚାରିବର୍ଷ ବୟସ ଲାଗିଥିଲା, ମାତ୍ର ୧୦ବର୍ଷ ପର୍ଯ୍ୟନ୍ତ ସେ ଭଲଭାବେ ବାର୍ତାଳାପ କରିପାରୁ ନ ଥିଲେ। ପିତାମାତାଙ୍କର ଚିନ୍ତା ବଢିଯାଇଥିଲା, ମାତ୍ର ବିଧାତାର ବିଚାର ମହାନ ଥିଲା। ଯେଉଁ ବାଳକ ୧୦ ବର୍ଷ ପର୍ଯ୍ୟନ୍ତ ଠିକ୍ ଭାବେ କଥା କହିପାରୁ ନ ଥିଲା, ସେହି ବାଳକ ଦିନେ 'ଆପେକ୍ଷିକ ସିଦ୍ଧାନ୍ତ ବା ସମୟ ଯାତ୍ରାର ରହସ୍ୟ' ଉନ୍ମୋଚନ କରିଥିଲେ। ପିଲାଟି ଦିନରୁ ପୃଥିବୀର ମହାନ ସୃଷ୍ଟି ବିଷୟରେ ସଦାବେଳେ ଚିନ୍ତିତ ଥିଲେ। ସେ ସଦାବେଳେ ଶାନ୍ତଚିତରେ ରହିବାକୁ ଭଲପାଉଥିଲେ ଏବଂ ଶାନ୍ତ ଚେତାର ହିଁ ନିରୋଳା ସ୍ଥାନରେ ଭାବନାତ୍ମକ ରାଜ୍ୟରେ ନିମଗ୍ନ ରହୁଥିଲେ। ତାଙ୍କ କହିବା ଅନୁସାରେ 'ଯେଉଁ ମଣିଷ ଜୀବନରେ କିଛି ଭୁଲ କରିନି ସେ ଜୀବନରେ କିଛି ନୂଆ କରିପାରିନି'। ତାଙ୍କ ମତରେ ବିଦ୍ୟାଳୟ ଏକ ଜେଲ ସଦୃଶ, କାରଣ ଏଠାରେ କେହି ସ୍ୱାଧିନ ନୁହଁନ୍ତି। ସେ ସମୟ ସମୟରେ ନିଜର ଶିକ୍ଷକମାନଙ୍କୁ ଏପରି ଅଜବ ପ୍ରଶ୍ନମାନ ପଚାରୁଥିଲେ ଯାହାର ଉତର ତାଙ୍କ ପାଖରେ ନ ଥିଲା ଏବଂ ସେ ତାଙ୍କୁ ପାଗଳ ବୋଲି କହୁଥିଲେ। ସେହି ପାଗଳ ସମୟର ଗତି ଚକ୍ରରେ 'ଥିଓରି ଅଫ୍ ରିଲେଟିଭିଟି' 'ବିଶେଷ ଆପେକ୍ଷିକ ତତ୍ୱ'ର ଉଦ୍ଭାବନ କରିବା ସହ ଆପେକ୍ଷିକତାକୁ ଆଲୋକର ଗତି ସହିତ ତୁଳନା କରି ନିଜର ପ୍ରତ୍ୟେକ ଧାରାରେ ବିସ୍ତୃତଭାବରେ ଆଲୋଚନା କରିଥିଲେ। ତାଙ୍କର ଶକ୍ତି ସମୀକରଣ ଓ ଆପେକ୍ଷିକ ସିଦ୍ଧାନ୍ତ ଆଦି ଅବର୍ତମାନରେ ମଧ୍ୟ ପ୍ରତ୍ୟେକ ରସାୟନ ବିଜ୍ଞାନରେ ଛାତ୍ର ଶିକ୍ଷକ ତଥା ବୁଦ୍ଧିଜୀବୀମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ତାଙ୍କର ସିଦ୍ଧାନ୍ତକୁ ଆଲୋଚନା କରି ସେ ଲେଖିଥିଲେ-"The motion must be elefined relative to frame of reference and that space and time are relative, rather than absolute concepts." ଯାହାକି ଦୁଇଟି ବିଭାଗରେ ବିଭକ୍ତ- ଯାହା ହେଲା ମହାକାଶ/ଅନ୍ତରୀକ୍ଷ ଓ ସମୟ ଉଭୟେ ଆପେକ୍ଷିକ। ଆଲୋକର ଗତିଠାରୁ କୌଣସି ଗତି ଶୂନ୍ୟରେ ତୀବ୍ରତର ନୁହେଁ। ସେ ଆଧୁନିକ ରସାୟନ ବିଜ୍ଞାନରେ ଆପେକ୍ଷିକ ସିଦ୍ଧାନ୍ତକୁ ଏକ ଗାଣିତିକ ସୂତ୍ର ଯାହା ଥିଲା E = mc2ର ପୃଥିବୀର ସବୁଠାରୁ ପ୍ରସିଦ୍ଧ ସମୀକରଣ। ଫଳରେ ତାଙ୍କୁ ୧୯୨୧ ମସିହାରେ ନୋବେଲ ପ୍ରାଇଜ୍ ମିଳିଥିଲା। ତାଙ୍କୁ ଏହି ମହାନ ପ୍ରତିଭାବାନ୍ ପୁରସ୍କାର ନିଜର 'ଫଟୋ ଇଲେକ୍‌ଟ୍ରୋନିକ୍ ସାଧନ' ପାଇଁ ମିଳିଥିଲା। ଯାହାଫଳରେ ସାରା ବିଶ୍ୱରେ ତାଙ୍କର ନାମ ବିଖ୍ୟାତ ହୋଇଥିଲା। ପିଲାଟି ଦିନରୁ ବାପାଙ୍କ ପ୍ରଦତ କମ୍ପାସ ଯନ୍ତ୍ରର ପ୍ରଭାବ ତାଙ୍କୁ ଏତେବଡ଼ ବୈଜ୍ଞାନିକ ହେବାର ସୌଭାଗ୍ୟ ଆଣିଦେଇଥିଲା। ସେ ଓ ତାଙ୍କର କିଛି ବନ୍ଧୁ ମିଳିତଭାବେ 'ଅଲମ୍ପିଆ ଏକାଡେମୀ' ନାମକ ଏକ ସଂଗଠନ କରି ସେଥିରେ ବିଜ୍ଞାନ ଓ ଦର୍ଶନର ଆଲୋଚନା କରାଯାଉଥିଲା। ସେହି ମହାନ ରସାୟନବିତ୍ ବୈଜ୍ଞାନିକଙ୍କର ୧୮ ଏପ୍ରିଲ ୧୯୫୫ ମସିହାରେ ଜୀବନ ପ୍ରଦୀପ ନିର୍ବାପିତ ହୋଇଯାଇଥିଲା। ତାଙ୍କର ମୃତ୍ୟୁପରେ ଥୋମାସ ହାରେ ନାମକ ଜଣେ ନିଦାନବିଦ୍ ତାଙ୍କର ମସ୍ତିଷ୍କର ସମସ୍ତ ଭାଗକୁ ପରୀକ୍ଷା କରି ପାଇଥିଲେ ଯେ ତାଙ୍କର ମସ୍ତିଷ୍କର ଗୋଟିଏ ଭାଗ ଯାହା ବୁଦ୍ଧି ଉତ୍ପନ୍ନ କରେ ତାହା ଅତି ବଡ ଥିଲା। ତେଣୁ ସେ ଅତୀବ ବିଚକ୍ଷଣ ଥିଲେ। ସମଗ୍ର ବିଶ୍ୱରେ ତାଙ୍କ ପରି ରସାୟନବିଦ୍ ଆଉ ଜନ୍ମ ନେବେ କି ନାହିଁ ସନ୍ଦେହ। ଆଜି ସେହି ମହାନବିଭୂତୀ ବୈଜ୍ଞାନିକଙ୍କର ଅବର୍ତମାନ ଦିବସରେ ଏ ନଗଣ୍ୟ ଲେଖକର ଅଶଳ ଶ୍ରଦ୍ଧାଞ୍ଜଳି!

**ଉମାଶଙ୍କର ପ୍ରସାଦ**, ଲେଖକ, ଖୋର୍ଦ୍ଧା,
ମୋ. ନଂ-୬୩୭୦୬୭୫୫୬୨

## ଆଜିର ଅନୁଚିନ୍ତା

ଗଛ ମୂଳରେ ଛିଡ଼ାହୋଇ ଗଛକୁ କାଟୁଥିବା ବ୍ୟକ୍ତିକୁ ମଧ୍ୟ ସେହି ଗଛ ଛାୟା ପ୍ରଦାନ କରିବାରୁ ବିରତ ହୁଏ ନାହିଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ୟୁହାନରୁ ୟୁକ୍ରେନ: ଗଣହତ୍ୟାର କାରଖାନା

ସୌମେନ୍ଦ୍ର ଜେନା

**ତି**ନି ସପ୍ତାହ ଧରି ୟୁକ୍ରେନରେ ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ଭିନ୍ନ ଭିନ୍ନ କାରଣର ପ୍ରକରଣଗୁଡିକ ଦୃଷ୍ଟିକୁ ଆସୁଛି, ଯାହା ଅନେକ ସମୟରେ ରାଜନୈତିକ ବୟାନ,ଏକପାଖିଆ ତଥ୍ୟ ପରିବେଷଣ ମଧ୍ୟରେ ଲୁଚି ରହିଥାଏ। ତାହା ହେଲା ୟୁକ୍ରେନ ଭିତରେ ଆମେରିକା ସରକାର ଦୀର୍ଘଦିନ ଧରି ଚଳାଇ ଆସୁଥିବା ଜୈବିକ ଯୁଦ୍ଧାସ୍ତ୍ରର ଗବେଷଣାଗାର ସଂପର୍କରେ ସୂଚନା। ରୁଷର ସେନା ଏହିସବୁ ଗବେଷଣାଗାର ମଧ୍ୟରେ ପ୍ରବେଶ କରି ଲକ୍ଷ ଲକ୍ଷ ସଂଖ୍ୟାରେ ଗବେଷଣାତ୍ମକ ଲେଖାସବୁ ହାତେଇଛନ୍ତି, ଯେଉଁଥିରେ ଦୁଇଦେଶର ମିଳିତ ଗବେଷଣା ଦୀର୍ଘଦିନ ଧରି ଚାଲିଆସିଥିବା ପ୍ରମାଣିତ ହୋଇଛି। ନାଟୋକୁ ବାଟୁଳି କରି ରୁଷିଆକୁ ଗୁଳି ମାରିବାକୁ ଚାହୁଁଥିବା ଆମେରିକା ପାଇଁ ବାଟୁଳିର ଫିତା ବାରମ୍ବାର ଛିଡିଯାଉଥିବା ଜଣାପଡୁଛି। ପ୍ରଥମେ ଜର୍ମାନୀକୁ ହାତବାରିସୀ କରି ଗୁଳି କରିବାକୁ ଚେଷ୍ଟା କରି ଆମେରିକା ସଫଳ ନହେବା ପରେ ଏବେ ପୋଲାଣ୍ଡକୁ ଅସ୍ତ୍ର କରି ଯେପରି ବାୟୁସେନା ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଥିଲା, ତାହା କରିବା ଲାଗି ପୋଲାଣ୍ଡ ସରକାର ମନା କରିଦେଇଛନ୍ତି। ନାଟୋ ଚାହିଁଲେ ନିଜର ପୁରୁଣା ମିଗ୍-୨୧ ବିମାନସବୁକୁ ବ୍ୟବହାର ପାଇଁ ଜର୍ମାନୀରେ ଥିବା ନାଟୋର ବାୟୁସେନା ଘାଟୀକୁ ପଠାଇଦେବା ଲାଗି ରାଜି ଥିବା କଥା ପୋଲାଣ୍ଡ କହିଛି। ଗୋଟିଏପଟେ ନିୟନ୍ତ୍ରିତ ଗଣମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ୱାର୍ଥ ସମ୍ବଳିତ ଖବର ସବୁ ଦୃଷ୍ଟିକୁ ଆସୁଥିଲା ବେଳେ ବହୁ ଦରକାରୀ ତଥ୍ୟକୁ ଲୋକଲୋଚନକୁ ଆସିବାଲାଗି ଦିଆଯାଉନାହିଁ। ଯେଉଁଥିପାଇଁ ରୁଷିଆରେ ଆମେରିକାର ମିଡିଆ ସଂସ୍ଥାଗୁଡିକ ନିଜର ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। କମ୍ୟୁନିଷ୍ଟ ଏବଂ ସୋସିଆଲିଷ୍ଟମାନେ ସାରା ପୃଥିବୀରେ ବାଇଡେନଙ୍କ ସମର୍ଥନରେ ବାହାରିଥିବା ଦେଖାଯାଉଛି। ସେମିତି ଆମେରିକା କାଗଜରୁ ପଇସା ପାଉଥିବା ଭାରତର ସ୍ତମ୍ଭକାର ଏବଂ ଗଣମାଧ୍ୟମ ଲୋକେ ମଧ୍ୟ ସମାନ ଢଙ୍ଗରେ ୟୁକ୍ରେନବାସୀଙ୍କ ସାହସିକତାକୁ ପ୍ରଶଂସା କରି କାହିଁ କେତେ କ'ଣ ଲେଖିପକାଉଛନ୍ତି, ହେଲେ ବିଦେଶୀ ଗଣମାଧ୍ୟମରେ ପ୍ରସାରିତ କଳା-ଗୋରା ଶରଣାର୍ଥୀ ସଂପର୍କରେ ବର୍ଣ୍ଣବୈଷମ୍ୟବାଦୀ ଟିପ୍ପଣୀକୁ ଏମାନେ ଜୋର ଦେଇନାହାନ୍ତି। ଗୋରା ଶରଣାର୍ଥୀମାନଙ୍କୁ ମଧ୍ୟପ୍ରାଚ୍ୟ ଏବଂ ଆଫଗାନିସ୍ଥାନର ଶରଣାର୍ଥୀଙ୍କଠାରୁ ବହୁତ ଭଲ ବୋଲି ବିଶ୍ଳେଷଣ କରାଯାଉଛି। ବିଦେଶୀ ମିଡିଆର ଘୃଣ୍ୟ ଚେହେରା ୟୁକ୍ରେନ ଯୁଦ୍ଧବେଳେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି। ତେଣୁ ରୁଷ କିମ୍ବା ପୁଟିନଙ୍କୁ ବିରୋଧ କରି ମାଳମାଳ ମିଛ ଖବର ପ୍ରକାଶ କଲେ ଯେ ବିଶ୍ୱବାସୀ ଆଖିବୁଜି ଗ୍ରହଣ କରିନେବେ, ତାହା ଆଦୌ ଠିକ୍ ନୁହେଁ। ୟୁକ୍ରେନ ଯୁଦ୍ଧ ସମୟର ଚାରିଗୋଟି ଫଟୋକୁ ୮ ମାର୍ଚ୍ଚ ଦିନ ନାଟୋ ପକ୍ଷରୁ ଛଡାଯାଇଥିଲା। ସେଥିରେ ଗୋଟିଏ ଫଟୋରେ ଅସ୍ତ୍ରଧାରିଣୀ ମହିଳାଙ୍କ ପୋଷାକରେ ନୂତନ ନାଜି ଗୋଷ୍ଠୀର ସଂକେତ ସ୍ପଷ୍ଟ ରହିଥିବା ଜଣାପଡିଛି। ୟୁକ୍ରେନରେ ମୁଣ୍ଡ ଟେକିଥିବା ଏହି ନୂତନ ନାଜି ଗୋଷ୍ଠୀ ରୁଷ ବିରୋଧୀ ପ୍ରଚାରରେ ସକ୍ରିୟ ରହିଆସିଛନ୍ତି। ଏମାନେ ଲୋକମାନଙ୍କୁ ରୁଷ ଏବଂ ରୁଷୀୟ ଲୋକଙ୍କ ବିରୋଧରେ କାର୍ଯ୍ୟକରିବା ପାଇଁ ପ୍ରୋତ୍ସାହିତ କରିଆସିଛନ୍ତି, ଯାହାକୁ ପୁଟିନ ବାରମ୍ବାର ବିରୋଧ କରୁଛନ୍ତି। ୟୁକ୍ରେନ ନାଟୋର ସଦସ୍ୟତା ଗ୍ରହଣ କରିବାକୁ ଚାହିଁବା, ୟୁକ୍ରେନରେ ନିଓନାଜି ଗୋଷ୍ଠୀଙ୍କ ଦ୍ୱାରା ରୁଷ ବିରୋଧୀ ପ୍ରଚାର ଚାଲିବା ୟୁକ୍ରେନ ଉପରେ ଆକ୍ରମଣ କରାଯିବାର ମୁଖ୍ୟ କାରଣ ବୋଲି ପୁଟିନ କହୁଛନ୍ତି। ପାଶ୍ଚାତ୍ୟ ଗଣମାଧ୍ୟମରେ କେବଳ କେଉଁଠି ସାଧାରଣ ଲୋକେ ବନ୍ଧୁକ ଧରି ଲଢିବାକୁ ଯାଉଛନ୍ତି ପୁଣି କେଉଁଠି ରୁଷିଆର ଟ୍ୟାଙ୍କ ନଷ୍ଟ ହୋଇ ପଡିରହିଛି, କେଉଁଠି ରୁଷୀୟ ଯବାନ ବନ୍ଦୀ ହୋଇଥିବାର ଖବର ପ୍ରସାରିତ କରାଯାଇ ବିଶ୍ୱବାସୀଙ୍କ ସମର୍ଥନ ୟୁକ୍ରେନ ପଛରେ ରଖିବା ପାଇଁ କରାଯାଉଛି। ହେଲେ ଆମେରିକା ପକ୍ଷରୁ ବିଦେଶୀ ରାଷ୍ଟ୍ରଗୁଡିକରେ ସ୍ଥାପିତ ୩୬ଟି ଜୈବିକ ଗବେଷଣାଗାର ମଧ୍ୟରୁ ୨୬ଟି କେବଳ ୟୁକ୍ରେନରେ ରହିଥିବା ନେଇ ଚୀନ ପ୍ରଶ୍ନ କରିଛି। ୟୁହାନ ଜୈବିକ ଗବେଷଣାଗାର ବିରୋଧରେ କହୁଥିବା ଆମେରିକା ବିଦେଶରେ ଅନେକ ଦେଶରେ ଜୈବିକ ଗବେଷଣା ଜାରି ରଖିଥିବା ସଂକ୍ରାନ୍ତରେ ଅଧିକ କିଛି ନକହି ଦିନରେ ହାରକିନ୍ ଦେଖାଉଥିବା ନେଇ ଚୀନ ପକ୍ଷରୁ ଯେପରି ଅଭିଯୋଗ ହେଉଛି, ସେଥିରେ ସତ୍ୟତା ରହିଥିବା ସ୍ପଷ୍ଟ ହୋଇଛି। କାରଣ ଆମେରିକାର ପ୍ରତିନିଧି ୟୁକ୍ରେନରେ ଜୈବିକ ଗବେଷଣା ହେଉଥିବା କଥା ଏବେ ସାଧାରଣରେ ସ୍ୱୀକାର କରିଛନ୍ତି। ୨୦୧୮ରୁ ୟୁକ୍ରେନ ବିରୋଧରେ ଜୈବିକ ଅସ୍ତ୍ର ନିର୍ମାଣ ନେଇ ଅଭିଯୋଗ ହୋଇଆସିଛି। ଏବେ ରୁଷର ମେଜର ଜେନେରାଲ ଇଗୋର କୋନାସେନକୋଭ ୟୁକ୍ରେନରେ ଜୈବିକ ଅସ୍ତ୍ର ନିର୍ମାଣ ପାଇଁ ପ୍ଲେଗ, ଆନ୍‌ଥ୍ରାକ୍ସ ଜୀବାଣୁଗୁଡିକୁ ସାଇତି ରଖାଯାଇଥିବା କଥା କହିଛନ୍ତି। ଆମେରିକାର ସହଯୋଗକ୍ରମେ ଏସବୁ ଚାଲିଥିବା ସ୍ପଷ୍ଟ ହୋଇଛି।

ବିଶ୍ୱରେ ଜୈବିକ ଅସ୍ତ୍ରର ନିର୍ମାଣକୁ ବନ୍ଦ କରିବା ଲାଗି ୧୯୬୯ରୁ ୧୯୭୨ ଯାଏ ବହୁପକ୍ଷୀୟ ଆଲୋଚନା କରାଯିବା ପରେ ୧୦ ଏପ୍ରିଲ ୧୯୭୨ରେ ଆଣବିକ ଅସ୍ତ୍ରଶସ୍ତ୍ର ସହମତି ପତ୍ରରେ ପୃଥିବୀର ୧୮୩ଟି ରାଷ୍ଟ୍ର ଏକମତ ହୋଇ ଦସ୍ତଖତ କରିଥିଲେ। ୨୬ ମାର୍ଚ୍ଚ ୧୯୭୫ରେ ଏହି ସମ୍ମତି ଚୁକ୍ତି ଆକାରରେ କାର୍ଯ୍ୟକାରୀ ହୋଇଥିଲା। ଏହି ଆଲୋଚନାରେ ଭାରତ ୧୫ ଜାନୁଆରୀ ୧୯୭୩ରେ ଯୋଗଦେଇ ୧୫ଜୁଲାଇ ୧୯୭୪ରେ ସଂଶୋଧନ ଆଣିଥିଲା। ଏହି ଚୁକ୍ତିରେ ୧୦ଟି ଦେଶ ଚାଦ, କୋମୋରୋସ, ଜିବୁତି, ଇରିଟ୍ରିଆ, ଇସ୍ରାଏଲ, କିରିବାଟି, ମାଇକ୍ରୋନେସିଆ, ନାମିବିଆ, ଦକ୍ଷିଣ ସୁଦାନ, ଟୁଭାଲୁ ଆଦି ଦସ୍ତଖତ କରିନାହାନ୍ତି। ଆମେରିକା ପରି କେତେକ ଦୁଷ୍ଟରାଷ୍ଟ୍ର ସବୁ ଆଇନକୁ ବେଆଇନ ମନେକରି କାର୍ଯ୍ୟ କରିଚାଲିଛନ୍ତି। ସାରା ବିଶ୍ୱରେ ନିଜ ମତକୁ ଗ୍ରହଣୀୟ ବୋଲି କହିଚାଲିଛନ୍ତି। ଆପଣାର ଘୃଣ୍ୟ କର୍ମକୁ ଅନ୍ୟମାନଙ୍କ ପାଇଁ ସ୍ମରଣୀୟ କରି ଥୋଇବାରେ ଲାଗିପଡିଛନ୍ତି। ସେମିତି ନାଟୋ ବାହିନୀ ଆମେରିକାର ସୁରକ୍ଷା ମେଣ୍ଟରେ ଥାଇ ମଧ୍ୟ ଆଜି ନିଜକୁ ଅସୁରକ୍ଷିତ ମନେକରୁଥିଲେ ହେଁ ପାଟି ଖୋଲୁନାହାନ୍ତି। ଅଷ୍ଟ୍ରେଲିଆ ପରି ରାଷ୍ଟ୍ର ଚୀନର ୟୁହାନକୁ କେନ୍ଦ୍ରକରି କୋରୋନା କାଳରେ ବହୁ ଆଲୋଚନା କରୁଥିଲା; ଅଥଚ ଏବେ ୟୁକ୍ରେନରେ ସମାନ ଢଙ୍ଗରେ ଜୀବାଣୁ ଯୁଦ୍ଧ ପାଇଁ ଅସ୍ତ୍ରନିର୍ମାଣ ବେଳେ ଚୁପ୍ ରହିଛି। ଫ୍ରାନ୍ସ ଓ ଜର୍ମାନୀ ଭାରତକୁ ଜାତିସଂଘ ସାଧାରଣ ପରିଷଦରେ ପ୍ରକୃତ ଜ୍ଞାନ ବାଣ୍ଟିବାକୁ ପରାମର୍ଶ ଦେଉଛନ୍ତି। କିନ୍ତୁ ବିଗତ ୭୦ବର୍ଷରେ ଭାରତ ବିରୋଧରେ ଜାତିସଂଘରେ କେତେ ବେଇମାନି କାର୍ଯ୍ୟ କରିଆସିଛନ୍ତି ସେ ବିଷୟରେ ନକହି ରୁଷିଆ ବିରୋଧରେ ଭାରତ ଯାଉ ବୋଲି ଉପଦେଶ ଦେବାରେ ଲାଗିଛନ୍ତି। ଯେଉଁ ବିଦେଶୀ ୟୁକ୍ରେନ ଯୁଦ୍ଧକୁ ନେଇ ଏତେ ଧାରଣା ଦେଉଛନ୍ତି ସେମାନେ ଚୀନର ଲଦାଖ ସୀମାରେ ଆକ୍ରମଣ ବେଳେ କାହିଁକି ଚୁପ୍ ରହିଥିଲେ ? ଭାରତର ସେନାଙ୍କ ମୃତ୍ୟୁବେଳେ ସେମାନଙ୍କ ଶ୍ରଦ୍ଧା ବିଗଳିତ ହୋଇନଥିଲା। କାରଣ ଭାରତୀୟମାନେ କଳାଲୋକ ଥିଲେ, ଅଧିକ ହିନ୍ଦୁ ଲୋକ ଥିଲେ। ଆମେରିକା ଏବଂ ଆମେରିକାର ନୀରବ ସମର୍ଥକ ରାଷ୍ଟ୍ରସବୁ ନିଜର ଛଦ୍ମବେଶ ନଛାଡିଲେ ସାଉଦି ଆରବ, ଅମିରାତ ପରି ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ସହ ଆଲୋଚନାକୁ ଗ୍ରହଣ ନ କଲା ପରି ଆଗାମୀ ଦିନରେ ଅନେକ ଦେଶ ସେମିତି ଆଭିମୁଖ୍ୟ ପ୍ରଦର୍ଶନ କରିବେ। ଗୋଟିଏ ପଟେ ରୁଷିଆର ପରମାଣୁ ଆକ୍ରମଣକୁ ନେଇ ଚର୍ଚ୍ଚା ହେଉଥିଲା ବେଳେ ୟୁକ୍ରେନର ଜୀବାଣୁ ଆକ୍ରମଣର ଷଡଯନ୍ତ୍ର ସଂପର୍କରେ ଅଧିକ ଆଲୋଚନା ହେଉନାହିଁ। ରୁଷିଆ ବିରୋଧରେ ଆମେରିକା ଏତେସବୁ କଟକଣା ଜାରି କଲାବେଳେ ନାଟୋ ରାଷ୍ଟ୍ରମାନଙ୍କୁ ଚୀନ ବିରୋଧରେ ସମାନ କଟକଣା ଲଗାଇବାକୁ କାହିଁକି କହୁନାହିଁ? ଏଥିରୁ ଆମେରିକା କିପରି ଚୀନ ପରି ଜୈବିକ ଅସ୍ତ୍ର ଅନ୍ୟରାଷ୍ଟ୍ରରେ ନିର୍ମାଣ କରି ରୁଷିଆ ବିରୋଧରେ ପ୍ରୟୋଗ କରିବାକୁ ଷଡଯନ୍ତ୍ର ଚଳାଇଥିଲା, ତାହା ଧରାପଡିଯାଇଛି।

ୟୁକ୍ରେନ ରୁଷିଆକୁ ବିରୋଧ କରିବାକୁ ଯାଇ ଆନ୍ତର୍ଜାତିକ ଚୁକ୍ତିର ଖିଲାପ କରି କିପରି ଅକ୍ଷମଣୀୟ ଦୋଷ କରିଛି ତାହା ବୁଝିବା ଉଚିତ୍। ଶତ୍ରୁକୁ ଘରେ ସ୍ଥାନ ଦେଇ ପଡୋଶୀଠାରୁ ମାଡ ଖାଇଲା ବେଳେ ଅନ୍ୟମାନେ ଦର୍ଶକ ହୋଇ ରହୁଛନ୍ତି ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ଅଭିଯୋଗରେ କେତେ ସତ୍ୟତା ରହିଛି ତାହା ଏହି ଘଟଣାରୁ ଜାଣିହେବ। କାଚ ଘରେ ରହୁଥିବା ଲୋକେ ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ବହୁଥର ବିଚାର କରିବା ଆବଶ୍ୟକ। କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ସବୁଠୁ ଅଧିକ ଅଶାନ୍ତି ସୃଷ୍ଟିକାରୀ ରାଷ୍ଟ୍ର ହେଉଛି ଆମେରିକା। ବିଶ୍ୱଶାନ୍ତି କଥା ପାଟିରେ କହି ସାରା ବିଶ୍ୱରେ ଅଶାନ୍ତି, ଯୁଦ୍ଧର ଘନଘଟା, ଶାସନ ପରିବର୍ତ୍ତନ ପାଇଁ ବିରୋଧୀ ପକ୍ଷଙ୍କୁ ଅସ୍ତ୍ରଶସ୍ତ୍ର ଦେଇ ସଂଘର୍ଷ ଓ ରକ୍ତପାତ ମାଧ୍ୟମରେ ଗୃହଯୁଦ୍ଧ ସୃଷ୍ଟିରେ ଆମେରିକା ଆଜିଯାଏ ଲାଗିରହିଛି। ଅନ୍ୟର ଅର୍ଥନୀତିକୁ ନଷ୍ଟକରି ନିଜର ସ୍ୱାର୍ଥକୁ ନେଇ କାର୍ଯ୍ୟ କରିବାପରି କୁତ୍ସିତ ବିଚାର ନେଇ ଆମେରିକାର ରାଷ୍ଟ୍ରପତିମାନେ ଅତୀତରେ କାର୍ଯ୍ୟକରି ଆସିଛନ୍ତି। ଗଣତନ୍ତ୍ରର ମିଛ ଦ୍ୱାହି ଦେଇ ଆମେରିକା ଏକାଧିପତ୍ୟକୁ ଜାହିର କରିବାକୁ ସବୁବେଳେ, ସବୁଠି, ସବୁଦେଶରେ କାର୍ଯ୍ୟ କରିଆସିଛି। ଅସ୍ଥିରତା ସୃଷ୍ଟିକରି ଅସ୍ତ୍ରଶସ୍ତ୍ର ବିକ୍ରି କରିବା ସେମାନଙ୍କ ପାଇଁ ସବୁବେଳେ ପ୍ରଥମ ଲକ୍ଷ୍ୟ ରହିଆସିଛି। ଯେଉଁ ଅସ୍ତ୍ରଶସ୍ତ୍ର ମାନବଜାତି ପାଇଁ କ୍ଷତିକାରକ ସେସବୁର ଉତ୍ପାଦନ ବନ୍ଦ ରଖିବାକୁ କହୁଥିବା ରାଷ୍ଟ୍ର ଆମେରିକା ଅନ୍ୟ ରାଷ୍ଟ୍ର ସହାୟତାରେ ଯେପରି ଜୀବାଣୁ ଅସ୍ତ୍ର ଉତ୍ପାଦନ ଜାରିରଖିଛି ତାହା ଯେମିତି ନିନ୍ଦନୀୟ, ୟୁକ୍ରେନ ମଧ୍ୟ ସେଥିଲେ ସାମିଲ ହୋଇ ନିନ୍ଦନୀୟ ହୋଇଛି। ଚୀନସ୍ଥିତ ୟୁହାନ ଲାବୋରେଟୋରୀରେ ପ୍ରସ୍ତୁତ କୋରୋନା ଭୂତାଣୁ ଗତ ଦୁଇବର୍ଷରେ ୬୦ଲକ୍ଷ ଲୋକଙ୍କୁ ପୃଥିବୀରେ ମାରିସାରିଲାଣି। ୟୁକ୍ରେନର ଭୂତାଣୁ ଆଗାମୀ ଦିନରେ କେତେ ଯେ ମଣିଷ ହତ୍ୟା କରିବ, ତାହା ଦେଖିବାକୁ ବାକି ରହିଛି।

-ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩



# ଏହା ତିନୋଟି ଖବର ନୁହେଁ ବରଂ ଆହ୍ୱାନ

ଗୋଲଖ ଚନ୍ଦ୍ର ଦାସ



**୧**୭ ଜାନୁଆରୀ ୨୦୨୨ଘଟଣା। ଏହି ଦିନ ଦିଲ୍ଲୀର ସୁଲତାନପୁରୀରେ ହୀରାଲାଲ ଗୁଜୁରାଟୀଙ୍କୁ ହତ୍ୟା କରାଯାଇଛି। ଇରଫାନ ନାମକ ଜଣେ ବ୍ୟକ୍ତି ହତ୍ୟା କରିଥିବାର ଅଭିଯୋଗ ହୋଇଛି। ଏ ହେଉଛି ସେହି ଇରଫାନ୍ ଯିଏ ହିରାଲାଲଙ୍କ ଭଉଣୀକୁ ବଳାତ୍କାର କରି ଜେଲ ଯାଇଥିଲା। ୧୯ ଜାନୁଆରୀ ୨୦୨୨ର ଘଟଣା। ନିର୍ଯ୍ୟାତନା ସହି ନପାରି ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଲାବଣ୍ୟା ଇହଧାମ ଛାଡି ଚାଲିଯାଇଛନ୍ତି। ତାଙ୍କୁ ନିର୍ଯ୍ୟାତନା ଦେବାର କାରଣ ହେଉଛି, ତାଙ୍କୁ କୁହାଯାଇଥିଲା- 'ଯଦି ତୁମେ ପାଠ ପଢିବାକୁ ଚାହୁଁଛ, ତାହାହେଲେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କର, ନଚେତ ଶୌଚାଳୟ ସଫାକର।'

୨୦ ଜାନୁଆରୀ ୨୦୨୨ ର ଘଟଣା। ଦିଲ୍ଲୀର ହିନ୍ଦୁ ବିରୋଧୀ ଦଙ୍ଗାର ପ୍ରଥମ ଦଣ୍ଡ- ଦୀନେଶ ଯାଦବଙ୍କୁ ଦଣ୍ଡିତ କରାଯାଇଥିଲା। ଦୀନେଶ ଉପରେ ଅଭିଯୋଗ ହେଉଛି ଯେ- 'ସେ ଜଣେ ୭୩ ବର୍ଷୀୟ ମୁସଲମାନ ମହିଳାଙ୍କ ଘରେ ନିଆଁ ଲଗାଇ, ତାଙ୍କ ମଇଁଷିକୁ ନେଇ ଯାଇଥିଲା।'

ଏହି ତିନୋଟି ଖବର ୪ ଦିନରେ ଘଟିଥିଲା। ଖବରକାଗଜ ପୃଷ୍ଠା ଓଲଟାନ୍ତୁ, ଦେଖନ୍ତୁ ଓ ପଢନ୍ତୁ। ସେହି ସମୟରେ ବିଭିନ୍ନ ନେତା ଓ ଧର୍ମଗୁରୁଙ୍କ ପ୍ରତିକ୍ରିୟାକୁ ଶୁଣନ୍ତୁ। ସାମାଜିକ ଗଣମାଧ୍ୟମ ଖୋଲନ୍ତୁ ଏବଂ ଦେଖନ୍ତୁ। ଆପଣଙ୍କୁ ନିରାଶ ହେବାକୁ ପଡିବ। ଏହି ସମୟରେ ପୁଣି ଏକ କପୋଳକଳ୍ପିତ ଖବର ଦିନ ରାତି ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଥିଲା। ତାହା ହେଉଛି ଏକ ମନ୍ଦିରରେ ଆସିଫ ନାମକ ବ୍ୟକ୍ତିକୁ ମାଡମରା ଘଟଣା। ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ସେଦିନର ଆଲୋଚନାକୁ ଧ୍ୟାନର ସହ ଶୁଣନ୍ତୁ। ହୃଦୟର ସହିତ ବିଚାର କରନ୍ତୁ। ଏବେ କିନ୍ତୁ ସେ ବିଷୟରେ ଆଉ ଆଲୋଚନା ନାହିଁ, ସାମାଜିକ ଗଣମାଧ୍ୟଗୁଡିକରେ ସେ ବିଷୟ ସବୁ ଏବେ ଉଭେଇ ଗଲାଣି। ଉପରୋକ୍ତ ତିନୋଟି ଖବର ପଢିବା ପରେ, ଦେଖିବା ପରେ ଆମ୍ଭେମାନେ ନିରବତା ଅବଲମ୍ବନ କରିଛୁ। ଏହି ନୀରବତା ଆମ ହିନ୍ଦୁମାନଙ୍କ ପାଇଁ ଏକ ବଡ ବିପଦ। କାରଣ ଏହି ତିନୋଟି ଖବର କେବଳ ଆମ ପାଇଁ ଖବର ନୁହେଁ, ବରଂ ୩ଟି ଆହ୍ୱାନ ଅଟେ।

ଏବେ ଆମେ ଚର୍ଚ୍ଚା କରିବା ହିରାଲାଲଙ୍କ ହତ୍ୟା ବିଷୟରେ। ଦେଶର ରାଜଧାନୀରେ ଏହି ହତ୍ୟା ପ୍ରଥମ କିମ୍ବା ଶେଷ ନୁହେଁ। କିନ୍ତୁ ଏହି ଅପରାଧ କେବଳ ହତ୍ୟାରେ ସୀମିତ ନଥିଲା। ଇରଫାନ ମଧ୍ୟ ହୀରାଲାଲଙ୍କ ଭଉଣୀକୁ ବଳାତ୍କାର କରିଥିଲା। ସେଥିପାଇଁ ସେ ମଧ୍ୟ ଜେଲରେ ଥିଲା। ପାରୋଲ (parole)ରେ ବାହାରକୁ ଆସିବା ପରେ ସେ ହିରାଲାଲଙ୍କୁ ହତ୍ୟା କରିଥିଲା। ଦିଲ୍ଲୀରେ କ୍ଷମତାରେ ଥିବା ଦଳ ସହ ଅପରାଧୀଙ୍କ ସମ୍ପର୍କ ରହିଛି। ଇରଫାନ ଏହି ହତ୍ୟା ବ୍ୟତୀତ ଅନେକ ସମ୍ବେଦନଶୀଳ ଘଟଣାରେ ଜଡିତ ରହିଛି। ସେହି ଘଟଣାଗୁଡିକୁ ଆଜିର ତଥାକଥିତ ଧର୍ମନିରପେକ୍ଷ ଗଣମାଧ୍ୟମମାନେ ଲୋକଲୋଚନକୁ ଆଣିବା ପରିବର୍ତେ ନୀରବ ରହିଛନ୍ତି।

ପ୍ରଥମେ ହିନ୍ଦୁ ନାମରେ ଝିଅମାନଙ୍କ ସହିତ ସଂପର୍କ ବଢାଯାଉଛି। ପରେ ବିବାହ କରିବା ବାହାନାରେ ଧର୍ମ ପରିବର୍ତନ କରିବାକୁ କୁହାଯାଉଛି। ଝିଅ ରାଜି ନହେବାରୁ ତାକୁ ବଳାତ୍କାର କରାଯାଉଛି। ଲଭ୍ ଜିହାଦର ଏପରି ବଡ ଘଟଣାକୁ ଷଡଯନ୍ତ୍ର କରି ଛୋଟିଆ ଖବର କରି ପ୍ରକାଶ କରାଯାଉଛି। ମୁସଲମାନ ପୁଅର ଦୋଷ ପରିବର୍ତେ ହିନ୍ଦୁ ଝିଅଙ୍କୁ ଦୋଷ ଦିଆଯାଇ ଖବର ପ୍ରକାଶ କରାଯାଉଛି।

ହିରାଲାଲଙ୍କ ହତ୍ୟା ଉପରେ ଗଣମାଧ୍ୟମ ନୀରବତା ଅବଲମ୍ବନ କରିଛି, କେବଳ ଏଇଥିପାଇଁ, ଯେକି ଅପରାଧୀ ଜଣେ ମୁସଲମାନ। ହିରାଲାଲ ହେଉଛନ୍ତି ଜଣେ ଦଳିତ ଓ ପଛୁଆ ବର୍ଗର ବ୍ୟକ୍ତି। ଦଳିତ ଓ ପଛୁଆବର୍ଗ ପାଇଁ ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ଏ ଘଟଣା ଦେଖାଯାଉନି। ଏ ଘଟଣା ବିଷୟରେ ଜାଣିଥିଲେ ମଧ୍ୟ ଅଜଣା ହେଉଛନ୍ତି, କାରଣ ଅପରାଧୀ ହେଉଛି ମୁସଲମାନ। ଯଦି କୌଣସି ହିନ୍ଦୁ ଯଦି ଏହି ଘଟଣା କରିଥା'ନ୍ତା, ତେବେ ନିଜକୁ ଦଳିତମାନଙ୍କର ହର୍ତାକର୍ତା ବୋଲାଉଥିବା ସଂଗଠନଗୁଡିକ ଏତେବେଳକୁ ରାଜରାସ୍ତାକୁ ଓହ୍ଲାଇ ସାରନ୍ତେଣି। ବିଭିନ୍ନ ସ୍ଥାନରେ ପୋଡାଜଳାଠାରୁ ଆରମ୍ଭକରି ଆଉ ସବୁ କ'ଣ କରିସାରନ୍ତେଣି। ହିରାଲାଲ ହତ୍ୟା ଘଟଣା ଓ ତା'ର ଭଉଣୀର ବଳାତ୍କାର ଘଟଣାରେ ଅପରାଧୀ ହେଉଛି ମୁସଲମାନ। କ୍ଷମତାରେ ଥିବା ରାଜନୈତିକ ଦଳ ସହିତ ସଂପୃକ୍ତ ଥିବାରୁ ମୁଖ୍ୟ ଗଣମାଧ୍ୟମରେ ଏହି ଖବର ଏବେ ଅଦୃଶ୍ୟ ହୋଇ ଯାଇଛି। ପ୍ରତ୍ୟେକ ଆତଙ୍କବାଦୀ ଘଟଣା ପରେ କ୍ଷତିଗ୍ରସ୍ତ ହିନ୍ଦୁ ସମାଜ ଯେପରି ଶୋଇପଡେ, ତା'ପରେ କ'ଣ ହେବ ଚିନ୍ତା କରନ୍ତି ନାହିଁ ଠିକ୍ ସେହିପରି ଇରଫାନଙ୍କୁ ପୁଅ ଭଳି ପାଳୁଥିବା ହିରାଲାଲର ବିଧବା ମାଆ ଓ ୩ ସନ୍ତାନ ଆଜି ଅନାଥ ହେବା ସହ ସେମାନଙ୍କ ଭବିଷ୍ୟତ କ'ଣ ହେବ ଚିନ୍ତା କରିନାହାଁନ୍ତି।

ଲଡକୀ ହୁଁ, ଲଡ ସକତି ହୁଁ, ଗୀତ ଗାଇ ପ୍ରିୟଙ୍କା ଗାନ୍ଧୀ ରୋହିତ ଭେମୁଲାଙ୍କୁ ଟ୍ୱିଟ୍ କରିଛନ୍ତି। ଫେବୃଆରୀ ୧୭ରେ ସେହି ଦିନ ତାଙ୍କ ଭାଇ ରାହୁଲ ଗାନ୍ଧୀ ମଧ୍ୟ ଟ୍ୱିଟ୍ କରିଛନ୍ତି। ମାତ୍ର ୨ ଦିନ ପରେ, ଲାବଣ୍ୟାର ମୃତ୍ୟୁ ହୋଇଛି। ଏହି ଭାଇଭଉଣୀ ଲାବଣ୍ୟାର ମୃତ୍ୟୁରେ ନୀରବ ରହିଲେ କାହିକି ? ରୋହିତ ଭେମୁଲା ଦଳିତ କିନ୍ତୁ ତାର ଅପରାଧୀ ମୁସଲମାନ କି ଖ୍ରୀଷ୍ଟିଆନ ନଥିଲେ, ଏଣେ ଉତରପ୍ରଦେଶରେ ନିର୍ବାଚନର ବାତାବରଣ ଉଷ୍ମ ଥିବାରୁ ଭାଇ ଭଉଣୀ ଦୁଇଜଣ ଟ୍ୱିଟ୍ କରିଥିଲେ। ଖ୍ରୀଷ୍ଟିଆନମାନଙ୍କ ଧର୍ମାନ୍ତରୀକରଣ ଯୋଗୁଁ ଲାବଣ୍ୟାର ମୃତ୍ୟୁ ହୋଇଥିଲା। ଉଭୟଙ୍କ ମାତା ଜନ୍ମ ସମୟରେ ଖ୍ରୀଷ୍ଟିଆନ ଥିଲେ। ତେଣୁ ଏହି କାରଣରୁ ସେମାନେ ବୋଧେ ନୀରବତା ଅବଲମ୍ବନ କରିଛନ୍ତି। ଏ ଘଟଣାକୁ ନେଇତ ରାଜନୀତି ଆରମ୍ଭ ହୋଇଯାଇଛି। ଏବେ ଦେଖିବାକୁ ରହିଲା ଏଘଟଣାରେ ପୋଲିସ କ'ଣ କରୁଛି ଓ କୋର୍ଟ କ'ଣ ନ୍ୟାୟ ଦେଉଛି ? ତା'ପରେ ରହିଲା ଗଣମାଧ୍ୟମ ଓ ସମାଜର କଥା। ଜଣେ ଝିଅକୁ ମରିବାକୁ ବାଧ୍ୟ କରାଯାଇଛି ଏବଂ ତା'ର ମଧ୍ୟ ମୃତ୍ୟୁ ହୋଇଛି। ମରିବା ପୂର୍ବରୁ ସେ ମଧ୍ୟ ଭିଡିଓରେ ସବୁକଥା କହିଦେଇ ଯାଇଛି। ଏ ଘଟଣାକୁ ନେଇ ଗଣମାଧ୍ୟମ ସମ୍ବେଦନଶୀଳତାର ମୃତ୍ୟୁ ହୋଇଯାଇଛି ନା ସହାନୁଭୂତି ଦେଖାଇବାକୁ ଅସମର୍ଥ। ଯେଉଁଥିପାଇଁ କି ମୁଖ୍ୟ ଗଣମାଧ୍ୟମରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀର ସ୍ୱପ୍ନ ପାଇଁ ସ୍ଥାନ ମିଳିନାହିଁ। କେବଳ ଗଣମାଧ୍ୟମର ନୀରବତାକୁ ଦୋଷ ଦୋଷ ଦେଲେ ଚଳିବ ନାହିଁ? ଶିବଲିଙ୍ଗ ଉପରେ ପରିସ୍ରା କରିଥିବାରୁ ଆସିଫ୍‌କୁ ଚାପୁଡା ମରାଯାଇଥିଲା, ସେ ବିଷୟକୁ ନେଇ ତଥାକଥିତ ଧର୍ମନିରପେକ୍ଷ ହିନ୍ଦୁମାନେ ଚା ଖଟିରେ ଚର୍ଚ୍ଚା କରି ତାକୁ ସହାନୁଭୂତି ଦେଖାଉଛନ୍ତି। ଲାବଣ୍ୟା ମୃତ୍ୟୁରେ ତାଙ୍କୁ କ'ଣ ମିଳିବ! ସ୍କୁଲର ଗଣବେଷକୁ ବିରୋଧ କରି ମୁସଲମାନ ଝିଅ ହିଜାବ ପିନ୍ଧିବାକୁ ଦାବି କରିବାରୁ ଏହା କେବଳ କର୍ଣ୍ଣାଟକ ନୁହେଁ ବରଂ ଦେଶର ସମସ୍ତ ଗଣମାଧ୍ୟମରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲା। କାରଣ ନେତା, ମନ୍ତ୍ରୀ ଏବଂ ଧର୍ମଗୁରୁମାନେ ଏହାପଛରେ ଥିଲେ। ଯେଉଁମାନେ ପୋଷାକ ପାଇଁ ସମବେଦନଶୀଳ ହୋଇପାରିଲେ ମୃତ୍ୟୁ ପାଇଁ ନିରବ ରହିଲେ କାହିଁକି ? ଏହାପଛରେ ଥିବା ଏଜେଣ୍ଡାକୁ ବୁଝିବାକୁ ହେବ। ହିନ୍ଦୁ ସହ ଜଡିତ ପ୍ରତ୍ୟକ ଘଟଣା ନ୍ୟାୟ ପାଇବାରୁ ବଂଚିତ ହେଉଛି, ଏହା ହେଉଛି ସେମାନଙ୍କର ଷଡଯନ୍ତ୍ର। ଲାବଣ୍ୟା ପାଇଁ ନେତା, ସମାଜ ନା ଗଣମାଧ୍ୟମ କେହି ବି ଆଗକୁ ଆସିଲେ ନାହିଁ। ଯଦି ହିନ୍ଦୁ ଆତଙ୍କବାଦ କଥା ଉଠିବ ତେବେ ସମସ୍ତେ ଏକଜୁଟ ହୋଇ ଆଗକୁ ଆଗେଇ ଆସିବେ, ଏହା ପ୍ରମୁଖ ଖବର ହୋଇ ମୁଖ୍ୟ ପୃଷ୍ଠାରେ ସ୍ଥାନ ପାଇବ। ଯଦି ହିନ୍ଦୁ ଝିଅର ମୃତ୍ୟୁ ହେଉଛି, ମୃତ୍ୟୁ ପୂର୍ବରୁ ଭିଡିଓ ଥାଇ ମଧ୍ୟ ତଥାକଥିତ ଧର୍ମନିରପେକ୍ଷ ସମାଜ ଏ ଘଟଣାରେ ଦୁଃଖ ପ୍ରକାଶ କରିବାରେ ନାରାଜ। ଏହା ବିରୋଧରେ ସ୍ୱର ଉତୋଳନ କଲେନାହିଁ। ଶୋଭାଯାତ୍ରା ବାହାରିଲା ନାହିଁ କି ମହମବତୀ ଜଳିଲା ନାହିଁ। ଆଗରୁ ଯେଉଁମାନେ ନିଜକୁ ଧର୍ମନିରପେକ୍ଷ ବୋଲି ପ୍ରମାଣ କରିଛନ୍ତି ସେମାନେ କିପରି ଏହି ଘଟଣାରେ ଦୁଃଖ ପ୍ରକାଶ କରିବେ! ଯଦି ଦୁଃଖ ପ୍ରକାଶ କରିବେ ସେମାନଙ୍କର ଧର୍ମନିରପେକ୍ଷତା ନଷ୍ଟ ହୋଇଯିବନିତ! ତେଣୁ ସେମାନେ ଆରାମରେ ଶୋଇ ପଡିଛନ୍ତି। ଲାବଣ୍ୟା ନିଜର ଧର୍ମକୁ ରକ୍ଷାକରିବା ପାଇଁ ଇହଧାମ ତ୍ୟାଗ କରିଛନ୍ତି। ଏବେ ଶିକ୍ଷା ଗ୍ରହଣ କରିବା ପାଇଁ ତାଙ୍କ ବାପା ମାଆଙ୍କର ଆଉ ତିନୋଟି ସନ୍ତାନ ଅଛନ୍ତି। ଦବାବ ଏବଂ ଅଭାବ ଯୋଗୁଁ ଆଗରୁ ଅନେକ ହିନ୍ଦୁ ଭାଇ ଭଉଣୀ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି। ଏବେ ପରିସ୍ଥିତି ସେପରି ନହେଉ, ଲାବଣ୍ୟାର ପିତାମାତା ଏପରି ପଦକ୍ଷେପ ନ ନିଅନ୍ତୁ। ଯଦି ନେଲେ ତେବେ ନିଜ ଧର୍ମର ରକ୍ଷା ପାଇଁ ଲାବଣ୍ୟା କରିଥିବା ବଳିଦାନ ବ୍ୟର୍ଥ ହୋଇଯିବ।

ଦୀନେଶ ଯାଦବ ଘଟଣା ହିରାଲାଲ ଓ ଲାବଣ୍ୟାଙ୍କ ଅପେକ୍ଷା ଅଧିକ ଗମ୍ଭୀର। ଏହି ପ୍ରସଙ୍ଗ ନ୍ୟାୟ ଓ ନ୍ୟାୟପାଳିକା ସହିତ ଜଡିତ। ଗଣମାଧ୍ୟମ ଓ ରାଜନୀତି ଜାଲରେ ଫସି ରହିଥିବା ସାଧାରଣ ନାଗରିକ କାହାଠାରୁ ଭରସା ଆଶା କରିବେ! ଦୀନେଶ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ମାନ୍ୟବର କୋର୍ଟ ଯାହା କରିଛନ୍ତି, ତାହ ହେଉଛି ଖବର। ଆହୁରି ମଧ୍ୟ ଖବର ଅଛି ଯେ ହିନ୍ଦୁ ବିରୋଧୀ ଦଙ୍ଗାରେ ଦିଲବର ନେଗିଙ୍କ ହାତ, ପାଦ କଟି ଯାଇଥିବା ଅର୍ଦ୍ଧଦଗ୍ଧ ଶବ ମିଳିଥିଲା। ଏହି ଘଟଣାରେ ମାନ୍ୟବର ଜଜ୍ ସୁବ୍ରମଣ୍ୟମ ପ୍ରସାଦ ମହମ୍ମଦ ତାହିର, ଶାହାରୁଖ, ମହମ୍ମଦ ଫୈଜଲ, ମହମ୍ମଦ ଶୋଏବ, ରସିଦ ଏବଂ ପରବେଜଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏବେ ଆପଣମାନେ ଏହି ଦୁଇଟି ଘଟଣାକୁ ବିଚାର କରନ୍ତୁ। ଦିନେଶ ଉପରେ ଅଭିଯୋଗ ହେଉଛି ସେ ମୁସଲମାନ ମହିଳାଙ୍କ ଘରେ ନିଆଁ ଲଗାଇ ତାଙ୍କର ମଇଁଷିକୁ ଫିଟାଇ ଦେଇଛି। ପୀଡିତ ମୁସଲମାନ ମହିଳା ବଂଚିଛନ୍ତି। ଦ୍ୱିତୀୟ ମାମଲାରେ ନିଆଁ ଲଗାଇବାର ଅଭିଯୋଗ ମଧ୍ୟ ରହିଛି। ଏହି ଘଟଣାରେ ଯେଉଁ ୬ ଜଣ ମୁସଲମାନ ଜାମିନ ପାଇଛନ୍ତି ସେମାନଙ୍କ ବିରୋଧରେ ଅଭିଯୋଗ ହେଉଛି, ଯେଉଁ ଦୋକାନରୁ ନେଗିଙ୍କ ଅର୍ଦ୍ଧଦଗ୍ଧ ଶବ ମିଳିଛି ସେହି ଦୋକାନକୁ ଏମାନେ ଭାଙ୍ଗିଥିଲେ ଓ ନିଆଁ ଲଗାଇଥିଲେ। ଏ ଘଟଣାରେ ପୀଡିତା ଜଣେ ହିନ୍ଦୁ। ରିଫାକତ ଅଲିଙ୍କୁ ମଧ୍ୟ ଜାମିନ ପ୍ରଦାନ କରାଯାଇଛି। କୋର୍ଟ ଯେତେବେଳେ ଏହି ଭିଡିଓ ଦେଖିଲେ ଏବଂ କହିଲେ ରିଫାକତ ଅଲି ହିଂସାତ୍ମକ ଜନତାଙ୍କ ମଧ୍ୟରେ ଲୁହା ରଡ ଧରି ଥିବାର ନଜର ଆସୁଛି। ଦୀନେଶ ଯାଦବ ଏବଂ ଦିଲବାର ନେଗିଙ୍କ ଘଟଣା ପ୍ରତ୍ୟକ ବାକ୍ୟରେ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଦିନେଶ ଯାଦବଙ୍କ ପାଇଁ ମାନ୍ୟବର ବିଚାରପତି ତାଙ୍କ ଆଦେଶରେ ଲେଖିଛନ୍ତି ଯେ ଦିନେଶ ଯାଦବ ଅପରାଧରେ ସଂପୃକ୍ତ ଥିବା କୌଣସି ପ୍ରମାଣ ନାହିଁ। ତଥାପି ମାନ୍ୟବର ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ଏସବୁ ଘଟଣାକୁ ବର୍ଣ୍ଣନା କଲାବେଳେ ସାମ୍ପ୍ରଦାୟିକ ହିଂସା ବିଲ କଥା ମନେପଡିଯାଏ। ୨୦୦୫ରେ କଂଗ୍ରେସ ସରକାର ସମୟରେ ଏହି ବିଲ ପ୍ରସ୍ତୁତ କରାଯାଇଥିଲା। ଏହାକୁ ଚାରିଆଡେ ବିରୋଧ କରାଯାଇଥିଲା। ୨୦୧୧ରେ ପୁଣିଥରେ କଂଗ୍ରେସ ସରକାର ସାମ୍ପ୍ରଦାୟିକ ହିଂସା ନିରୋଧ ବିଲ-୨୦୧୧ (Prevention of Communal Violence Bill 2011)କୁ ଫେରାଇ ଆଣିଥିଲେ। ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଜାତୀୟ ପରାମର୍ଶଦାତା ପରିଷଦ ଏହାକୁ ପ୍ରସ୍ତୁତ କରିଥିଲେ। ସେହି ବିଲରେ ଉଲ୍ଲେଖ ଥିଲା - ଯଦି କୌଣସି ସ୍ଥାନରେ ଦଙ୍ଗା ହୁଏ ସେ ଅଂଚଳରେ ରହୁଥିବା ସଂଖ୍ୟାଗରିଷ୍ଠ ବ୍ୟକ୍ତିମାନେ ଦାୟୀ ରହିବେ। ଏହି ବିଲ ଅନୁଯାୟୀ ଯଦି ସେହି ଅଂଚଳର ସଂଖ୍ୟାଗରିଷ୍ଠ ଲୋକଙ୍କର ମହିଳା ଦଙ୍ଗାରେ ବଳାତ୍କାର ହୁଅନ୍ତି, ତେବେ ଏହା ଅପରାଧ ନୁହେଁ। ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଅନୁଯାୟୀ ଏହା ବଳାତ୍କାର ହେବ, କିନ୍ତୁ ନିୟମ ଅନୁଯାୟୀ ନୁହେଁ। ମୋଟାମୋଟି କହିବାକୁ ଗଲେ ଏହି ବିଲ ଅନୁସାରେ ଯେଉଁଠି ଦଙ୍ଗା ହେବ ସେଥିପାଇଁ ସଂଖ୍ୟାଲଘୁ ଲୋକମାନେ ଦାୟୀ ନୁହଁନ୍ତି। ଯାହାହେଉ ଏହି ବିଲ୍ ଆଇନରେ ପରିଣତ ହୋଇପାରିଲା ନାହିଁ। ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିବା ପରେ ଧୀରେ ଧୀରେ କଂଗ୍ରେସ ଲୁପ୍ତ ହୋଇ ଯାଉଥିବା ବେଳେ ତାଙ୍କର ଇକୋ-ସିଷ୍ଟମ ଏବେ ବି ଜୀବିତ ଅଛି। ଦୁଃଖର ବିଷୟ ନ୍ୟାୟପାଳିକା ମଧ୍ୟ ଏଥିରୁ ବାଦ ପଡିନାହିଁ। ଦଙ୍ଗା ହେଉ, ଯେକୌଣସି ପରିସ୍ଥିତିରେ ହେଉ, ଏଥିରେ ସଂଖ୍ୟାଗରିଷ୍ଠ ଲୋକମାନଙ୍କ ଉପରେ ଆଇନର ଚାବୁକ୍ ପ୍ରହାର ହେବ। ଏବେ ଏହା ପ୍ରମାଣିତ ହୋଇଯାଇଛି। ଦୀନେଶ ଯାଦବ ମାମଲାରେ ଦୋଷୀ ସାବ୍ୟସ୍ତ ଏବଂ ଦିଲବାର ନେଗି ମାମଲାରେ ଜାମିନ-ସାଂପ୍ରଦାୟିକ ହିଂସା ବିଲକୁ ଉଜାଗର କରିଦେଇଛି। ଏଥିରୁ ସ୍ପଷ୍ଟ ପ୍ରତ୍ୟୟ ହେଉଛି ସାମ୍ପ୍ରଦାୟିକ ହିଂସା ବିଲ ଆଧାରରେ ଏହି ରାୟ ପ୍ରକାଶ ପାଇଛି। ଏହି ପରିସ୍ଥିତି ଭୟାନକ ଅଟେ। କଂଗ୍ରେସର ଏହି ଇକୋ-ସିଷ୍ଟମକୁ ବନ୍ଦ କରିବାକୁ ହେବ। ଏହା ବିରୋଧରେ ସ୍ୱର ଉତୋଳନ କରିବାକୁ ହେବ। ଉପର କୋର୍ଟରେ ହିନ୍ଦୁମାନଙ୍କୁ ଲଢିବାକୁ ହେବ। ଏହି ଯୁଦ୍ଧରେ ଜିତିବାକୁ ପଡିବ।

-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା,
ମୋ-୯୮୬୧୦୨୮୫୫୩




## କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁଟୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ହ୍ୟାଣ୍ଡଲୁମ ମାର୍କ ଉପରେ ସଚେତନତା ଶିବିର

ଖୋର୍ଦ୍ଧା, (ପିଏନ) -ବେଗୁନିଆ ବ୍ଲକ ଅଂର୍ଗତ ରାଉତପଡା ଗ୍ରାମରେ ଭାରତ ସରକାରଙ୍କ ଟେକ୍ସଟାଇଲସ କମିଟି ପକ୍ଷରୁ ହସ୍ତତନ୍ତ୍ର ବସ୍ତ୍ର ଉପରେ ହ୍ୟାଣ୍ଡ ଲୁମ ମାର୍କ ଓ ତତ ସମ୍ବନ୍ଧୀୟ ମୋବାଇଲ ଆପର ବ୍ୟବହାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ କାର୍ଯ୍ୟକ୍ରମରେ ବୟନ ମଣ୍ଡଳ ଅଂର୍ଗତ ରାଉତପଡା ହସ୍ତତନ୍ତ୍ର ପୁଞ୍ଜର ପ୍ରାୟ ୧୫୦ ଜଣ ବୁଣାକାର ଯୋଗଦାନ କରିଥିଲେ । ଏଥିରେ ବେଗୁନିଆ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଟେକ୍ସଟାଇଲସ କମିଟିର ମୁଖ୍ୟ ପ୍ରଦୀପ ଦାସ ଆବାହକତ୍ୱରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।ହସ୍ତତନ୍ତ୍ର ବୟନ କ୍ଷେତ୍ରରେ ଗ୍ରାହକ ମାନଙ୍କୁ ଅସଲି ହାତ ବୁଣା କପଡା କ୍ରୟ କରିବାରେ ଏକ ସଫଳ ପଦକ୍ଷେପ ଭାବରେ ହ୍ୟାଣ୍ଡଲୁମ ମାର୍କର ବ୍ୟବହାର ଓ ତାହାର ଉପଯୋଗିତା ସମ୍ପର୍କରେ ଶ୍ରୀଯୁକ୍ତ ଦାସ ପାୱାର ପଏଂଟ ମାଧ୍ୟମରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏଥି ସହିତ ହ୍ୟାଣ୍ଡଲୁମ ମାର୍କର ବ୍ୟବହାର ରେଜିଷ୍ଟ୍ରେସନ ତଥା କ୍ରୟ ନିମନ୍ତେ ନୂତନ ଭାବେ ପ୍ରଚଳିତ ମୋବାଇଲ ଆପ ବ୍ୟବହାର ସମ୍ବନ୍ଧରେ ମଧ୍ୟ ବୁଣାକାରଙ୍କୁ ସଚେତନ କରାଇଥିଲେ । ଏହି ସଚେତନତା ଶିବିର ନିଫ୍ଟ ପ୍ରଫେସର ବିନୟ ଭୂଷଣ ଜେନା ଜାତୀୟ ହସ୍ତତନ୍ତ୍ର ଉନ୍ନୟନ ନିଗମ ଭାରତ ସରକାରଙ୍କ ପରିଚାଳକ ଏଂକେଂ ଶାହା ଓ ଖୋର୍ଦ୍ଧା ବୟନ ମଣ୍ଡଳ ସହକାରୀ ନିର୍ଦ୍ଦେଶକ ପ୍ରସନ୍ନ କୁମାର ତୋଷ ,ଉପ ସହକାରୀ ନିବନ୍ଧକ ଗୋବିନ୍ଦ ଚନ୍ଦ୍ର ଜେନା ,ସ୍ଥାନୀୟ ସରପଂଚ ଶର୍ମିଳତା ଦାସ ଶିବିରରେ ଉପସ୍ଥିତ ରହି ।ଆଲୋଚନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ସ୍ଥାନୀୟ ରାଉତପଡା ତନ୍ତୁବାୟ ସହଯୋଗ ସମିତିର ସମ୍ପାଦକ ପ୍ରଶାସକ ଓ ବୁଣାକାର ସଭ୍ୟମାନେ ଉପସ୍ଥିତ ରହି ଏହାକୁ ସଫଳ ରୂପାୟନ କରିଥିଲେ ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ପୌର ନିର୍ବାଚନ ପାଇଁ ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଖୋର୍ଦ୍ଧାଜିଲ୍ଲାପାଳଙ୍କ ବୈଠକ

ଭୁବନେଶ୍ୱର,(ପି.ଏନ): ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟି, ବାଲୁଗାଁ ଓ ବାଣପୁର ଏନ୍.ଏ.ସି ର ଅଧ୍ୟକ୍ଷ ଏବଂ କାଉନସିଲର ନିର୍ବାଚନ ନିମନ୍ତେ ସମସ୍ତ ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଏକ ବୈଠକ ଆଜି ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଉପରୋକ୍ତ ପୌରାଂଚଳ ଓ ବିଜ୍ଞପିତ ଅଂଚଳ ପରିଷଦ ପାଇଁ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀ ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଆଗାମୀ ପୌର ନିର୍ବାଚନକୁ ଅବାଧ ଓ ମୁକ୍ତ ଭାବରେ ପରିଚାଳନା କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତି ଯୋଗଦେଇ ନିର୍ବାଚନ ନିମନ୍ତେ ଷ୍ଟ୍ରଙ୍ଗରୁମ୍ ର ସୁରକ୍ଷା ସହ ସମସ୍ତ ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦରେ ବ୍ୟବହାର ହେବାକୁ ଥିବା ଇଲେକ୍ଟ୍ରୋନିକଭୋଟିଙ୍ଗ ମେସିନ୍ ଷ୍ଟଙ୍ଗ ରୁମ୍ କୁ ସିସିଟିଭି ନଜରରେ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀ ମହାପାତ୍ର ଇଭିଏମ୍ କମିଶନିଂ ସମୟରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହିପାରିବା ଓ ପୋଲିଂ ପୂର୍ବରୁ ମକ୍ ପୋଲିଂ ସମୟରେ ପୋଲିଂ ଏଜେଣ୍ଟ ଉପସ୍ଥିତ ରହିବା ସଂପର୍କରେ ଅବଗତ କରାଇଥିଲେ । ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ପ୍ରତି ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦ ପାଇଁ ପୌରାଧକ୍ଷ ଓ କାଉନସିଲର ମତଦାନ ପାଇଁ ୨ ଟି ଲେଖାଏଁ ଅଲଗା ଅଲଗା ଇଭିଏମ୍ ବ୍ୟବହାର ହେବ । ଖୋର୍ଦ୍ଧା ପୌରପାଳିକା ପାଇଁ ୨୨ଟି ୱାର୍ଡର ୪୪ଟି ମତଦାନ କେନ୍ଦ୍ରରେ ୧୧୦ଟି ଇଭିଏମ୍ ବ୍ୟବହାର ହେବ । ପ୍ରତିପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦ ପାଇଁ ଅତିରିକ୍ତ ୨୫ ପ୍ରତିଶତ ଲେଖାଏଁ ଇଭିଏମ୍ ଜରୁରୀ ସେବା ପାଇଁ ସଂରକ୍ଷିତ ରଖାଯାଇଛି ।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଲଙ୍କକ୍ସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"


## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ  ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ୧୦ମ ଶ୍ରେଣୀ ଟର୍ମ-୧ ପରୀକ୍ଷାରେ ତ୍ରୁଟି ସୁଧାରୁ ସିବିଏସ୍‌ଇ : ଏବିଭିପି

ଭୁବନେଶ୍ୱର,(ପି.ଏନ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ତରଫରୁ ସିବିଏସ୍‌ଇ ୧୦ମ ଶ୍ରେଣୀ ଟର୍ମ-୧ ଓଡ଼ିଆ ପରୀକ୍ଷାରେ ଗୁରୁତର ତ୍ରୁଟିକୁ ସୁଧାରିବା ସହ ଛାତ୍ର ଛାତ୍ରୀଙ୍କୁ ଗ୍ରେସ ମାର୍କ ଦେଇ ପୁନଃ ପରୀକ୍ଷା ଫଳ ପ୍ରକାଶ ପାଇଁ ଆଜି ଏବିଭିପିର ୬ଜଣିଆ ଟିମ ସିବିଏସ୍‌ଇ ଭୁବନେଶ୍ୱର କାର୍ଯ୍ୟାଳୟରେ ଆଞ୍ଚଳିକ ଅଧିକାରୀ କେଏନ ଶ୍ରୀନିବାସଙ୍କୁ ଦାବିପତ୍ର ପ୍ରଦାନ କରିଛି ଏବିଭିପି । ୧୦ମ ଶ୍ରେଣୀ ଟର୍ମ-୧ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଛି ଓଡ଼ିଆ ବିଷୟରେ ୪ ନମ୍ବର ପ୍ରଶ୍ନ ରହିଛି ଗାନ୍ଧିଜୀ ଏବଂ ନେତାଜୀ ସୁବାଷଚନ୍ଦ୍ରଙ୍କ ସ୍ୱାଧୀନତା ସଂଗ୍ରାମ ଭିତରେ କି ପାର୍ଥକ୍ୟ ଏହାର ଉତ୍ତର ହେଉଛି ବି, ଅର୍ଥାତ୍ ନିରସ୍ତ ସତ୍ୟାଗ୍ରହ ସଂଗ୍ରାମ ଏବଂ ସଶସ୍ତ୍ର ସଂଗ୍ରାମ ।



# ମୋ ଓଡ଼ିଶା

## ବୀରମିତ୍ରପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

ରାଉରକେଲା (ପିଏନ୍) : ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାର ଓ ଗତ ୮ ବର୍ଷ ଧରି କ୍ଷମତାସୀନ ଥିବା କେନ୍ଦ୍ରର ବିଜେପି ସରକାର ଏବଂ ଉଭୟ ଦଳର ସ୍ଥାନୀୟ ନେତୃତ୍ୱ ବୀରମିତ୍ରପୁର ସହରାଞ୍ଚଳ ପ୍ରତି ସାଙ୍ଘାତିକ ଅବହେଳା କରିଛନ୍ତି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଗତ ୨୦୧୩ରୁ ୨୦୧୮ ପର୍ଯ୍ୟ' ବୀରମିତ୍ରପୁର ପୌରପାଳିକାରେ ବିଜେଡି ଶାସନ କରୁଥିବା ବେଳେ କ୍ଷମତାସୀନ କେନ୍ଦ୍ର ବିଜେପି ସରକାରର ସାଂସଦ ଜୁଏଲ ଓରାମ ଓ ବିଧାୟକ ଶଙ୍କର ଓରାମ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । ତେବେ ଏହି ଉଭୟ ଦଳ ଓ ନେତାମାନେ ବୀରମିତ୍ରପୁର ଅଞ୍ଚଳ ପାଇଁ କୌଣସି ଆଖି ଦୃଶିଆ କାର୍ଯ୍ୟ ନ କରି କେବଳ ଲୋକଙ୍କୁ ଠକିଥିବାରୁ ଆସ'। ୨୪ ତାରିଖର ପୌର ନିର୍ବାଚନରେ ବୀରମିତ୍ରପୁର ବାସୀ ସେମାନଙ୍କୁ ଠିକଣା ଜବାବ୍ ଦେବାକୁ ଗତକାଲି ବୀରମିତ୍ରପୁର ଠାରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମ୍ମିଳନୀରେ ଦଳ ତରଫରୁ ଆହ୍ୱାନ ଦିଆଯାଇଛି ।

ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସ୍ଥାନୀୟ ବିଆର୍‌ଆଇ କ୍ଲବ୍ ମଇଦାନରେ ଅନୁଷ୍ଠିତ ବିଶାଳ କର୍ମୀ ସମ୍ମିଳନୀରେ ଝାଡଖଣ୍ଡ ରାଜ୍ୟର କୋରାବିରା ବିଧାନସଭା କ୍ଷେତ୍ରର କଂଗ୍ରେସ ବିଧାୟକ ମମନ ବିସ୍କାଲ କଙ୍ଗାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୀରମିତ୍ରପୁର ସମେତ ସୁନ୍ଦରଗଡ ଜିଲ୍ଲାର ଆଦିବାସୀ, ଦଳିତ, ସଂଖ୍ୟାଲଘୁ, ପଛୁଆ ବର୍ଗ ତଥା ସାଧାରଣ ଖଟିଖିଆ ମେହନତି ମଣିଷର ସ୍ୱାର୍ଥ ପାଇଁ ନିର'ର ସଂଗ୍ରାମ କରୁଥିବା ଶ୍ରୀ ଜର୍ଜ ତିର୍କୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଚଳିତ ପୌର ନିର୍ବାଚନରେ କଂଗ୍ରେସର ଚେୟାରମ୍ୟାନ ପ୍ରାର୍ଥୀ ଶଶୀ ସାଗରଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ସହିତ ସମସ୍ତ ୧୧ଟି ୱାର୍ଡରେ କଂଗ୍ରେସର ପ୍ରାର୍ଥୀ ଓପ୍ରାର୍ଥିନୀମାନଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ବୀରମିତ୍ରପୁର ଅଞ୍ଚଳବାସୀଙ୍କ ସହିତ କୋଲାବିରା ଅଞ୍ଚଳ ବାସୀଙ୍କ ଭାବଗତ ସମ୍ପର୍କ ଉପରେ ଆଲୋକପାତ କରି ବୀରମିତ୍ରପୁର ପୌର ନିର୍ବାଚନରେ କଂଗ୍ରେସ ବିଜୟୀ ହେଲେ ଉଭୟ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ଠାରୁ ଆରମ୍ଭ କରି କର୍ମନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ତିର୍କୀ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରି ତାଙ୍କ ବିଧାୟକତ୍ୱ କାଳରେ ଯେତେବେଳେ କି ଶଶୀ ସାଗର ପୌରପାଳିକାର ଅଧକ୍ଷ ଥିଲେ ସେ ସମୟରେ ହୋଇଥିବା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ବିଶଦ୍ ସୂଚନା ଦେଇଥିଲେ ।

ତେଣୁ ସମ୍ପ୍ରତି ଶଶୀ ସାଗରଙ୍କ ସମେତ ସମସ୍ତ କଂଗ୍ରେସ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରି ବୀରମିତ୍ରପୁରକୁ ଏକ ନୂଆ ରୂପ ଦେବା ପାଇଁ ଶ୍ରୀ ତିର୍କୀ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ । ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି ତାଙ୍କ ବକ୍ତବ୍ୟରେ ହିନ୍ଦୁ, ମୁସଲିମ, ଶିଖ, ଇସାଇ ସବୁ ସମ୍ପ୍ରଦାୟର ଲୋକଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିର'ର କାର୍ଯ୍ୟ କରୁଥିବା ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ଶ୍ରୀ ତିର୍କୀଙ୍କୁ ମଜବୁତ କରିବାର ଦାୟିତ୍ୱ ବୀରମିତ୍ରପୁର ବାସୀଙ୍କର ବୋଲି ଉଲ୍ଲେଖ କରି ଶଶୀ ସାଗରଙ୍କ ବିଜୟ ହେଲେ ତାହା ସମ୍ଭବ ହୋଇପାରିବ ବୋଲି କହିଥିଲେ ।

ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲାରେ ଆଦିବାସୀ, ଦଳିତଙ୍କ ଉପରେ ଅତ୍ୟାଚାର ହେଲେ ଯଦି କେହି ନେତା ସମ୍ମୁଖକୁ ଆସି ତାର ପ୍ରତିବାଦ କରେ ତେବେ ସେ ଜର୍ଜ ତିର୍କୀଙ୍କ ବ୍ୟତୀତ ଅନ୍ୟକେହି ନୁହଁନ୍ତି ବୋଲି ଶ୍ରୀ ସେନାପତି ଉଲ୍ଲେଖ କରି ଏଭଳି ନେତାଙ୍କୁ ସଶକ୍ତ କରିବା ସମସ୍ତ କର୍ମୀମାନଙ୍କ ଦାୟିତ୍ୱ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିକ୍ରମ ପଟ୍ଟନାୟକ, ବରିଷ୍ଠ ନେତା ଜଗଦୀଶ ପ୍ରସାଦ ଅଗ୍ରୱାଲ, ଜେଏମ୍‌ଏମ୍ ନେତା ଗୁଲାମ ଅହମ୍ମଦ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାରର ଜନବିରୋଧି ନୀତି, ଦରଦାମ ବୃଦ୍ଧି, ବେକାରୀ ଓ ବେରୋଜଗାରୀ, ମହିଳାଙ୍କ ପ୍ରତି ଅତ୍ୟାଚାର, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଇତ୍ୟାଦି ସମ୍ପର୍କରେ ଆଲୋକପାତ କରି ଉଭୟ ବିଜେଡି-ବିଜେପିକୁ ବୀରମିତ୍ରପୁର ମାଟିରୁ ସଭା କରିବାକୁ ଆହ୍ୱାନ ଜଣାଇଥିଲେ ।

ଏହି କର୍ମୀ ସମ୍ମିଳନୀରେ ବୀରମିତ୍ରପୁରର ୧୧ଟି ୱାର୍ଡରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ନେତା ସାହିଦ ଆଲମ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ସଚେତନତା ଓ ଉପଭୋକ୍ତା

ପ୍ରତିବର୍ଷ ମାର୍ଚ୍ଚ ୧୫ରେ ପାଳିତ ହୁଏ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ। ୧୫ ମାର୍ଚ୍ଚ ୧୯୬୨ରେ ଏକ ଭାଷଣରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡ଼ି କହିଥିଲେ ଏହାର ସଂଜ୍ଞା ଅନୁଯାୟୀ ଉପଭୋକ୍ତାର ଅର୍ଥ ଆମେ ସମସ୍ତେ। ଉପଭୋକ୍ତା ହେଉଛି ସବୁଠାରୁ ବଡ଼ ବିତ୍ତୀୟ ଗୋଷ୍ଠୀ। ପ୍ରାୟ ସମସ୍ତ ଘରୋଇ ତଥା ସରକାରୀ ବିତ୍ତୀୟ ନିଷ୍ପତ୍ତି ଦ୍ୱାରା ଉପଭୋକ୍ତାମାନେ ହିଁ ସର୍ବାଧିକ ପ୍ରଭାବିତ ହୁଅନ୍ତି। ଏହା ସତ୍ତ୍ୱେ ଏହା ଏଭଳି ଏକ ଗୋଷ୍ଠୀ, ଯାହାର ସ୍ୱର କାହାର କାନରେ ପଡ଼େନାହିଁ। ପରବର୍ତ୍ତୀ କାଳରେ କେନେଡ଼ିଙ୍କ ଏହି ଭାଷଣ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ, ଉପଭୋକ୍ତା ଅଧିକାର ସକ୍ରିୟବାଦୀ ଅନୱାର ଫଜଲ, ଏ ବାବଦରେ ଜନସଚେତନତା ସୃଷ୍ଟି ପାଇଁ ୧୫ ମାର୍ଚ୍ଚ ୧୯୮୩ରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ ଆରମ୍ଭ କରିଥିଲେ। ସଂପ୍ରତି କଂଜ୍ୟୁମର ଇଣ୍ଟରନେସନାଲ୍ ଆନୁକୂଲ୍ୟରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି। ୧୨୦ଟି ଦେଶରେ ଏହି ସଂସ୍ଥା ସକ୍ରିୟ। ଏହି ଅଣ ଲାଭକାରୀ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ। ଚିଲି, ଦକ୍ଷିଣ ଆଫ୍ରିକା, ମାଲେସିୟା ଏବଂ ଓମାନରେ ଏହାର ଶାଖା କାର୍ଯ୍ୟାଳୟମାନ ରହିଛି। ଉପଭୋକ୍ତାଙ୍କୁ ସେମାନଙ୍କ ଅଧିକାର ବାବଦରେ ସଚେତନ କରାଇବା ଲକ୍ଷ୍ୟ ନେଇ ଏହି ସଂସ୍ଥା ୧୯୬୦ରୁ କାର୍ଯ୍ୟ କରୁଛି।

**ଭବାଶିଷ ଦାସ**, ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୮୬୧୧୧୮୬୭୩

## ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟିର ବୈଠକ

ଚଣ୍ଡିଖୋଲ (ପିଏନ)-ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟିର ଏକ ବୈଠକ ଓ କର୍ମଶାଳା ଚଣ୍ଡିଖୋଲ ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆବାହକ ନୃସିଂହ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ମାଣ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯିବା ସହ ଏହି କର୍ମଶାଳାରେ ସମସ୍ତ ଶ୍ରମିକ ନେତାମାନଙ୍କୁ କମ୍ପ୍ୟୁଟର ବ୍ୟବହାର ଏବଂ ବିଭିନ୍ନ ଡ଼ିଜିଟାଲ ଆପ୍ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥି ସହିତ ନିର୍ମାଣ ଶ୍ରମିକ ଶିକ୍ଷା ସହାୟତା ଦରଖାସ୍ତର ଶେଷ ତାରିଖ ୨୮/୨/୨୦୨୨ ଠାରୁ ୨ ମାସ ବଢାଇବା ଏବଂ ନିର୍ବାଚନ ଆଚରଣ ବିଧି ସମୟରେ ନିର୍ମାଣ ଶ୍ରମିକ ବାର୍ଷିକ ନବୀକରଣ ବନ୍ଦ ନକରିବାକୁ ଦାବୀ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଶ୍ରମିକ ଧନଜନ ଓ ଅଟଳ ପେନସନ ଯୋଜନାର ବୟସ ସୀମା ୫୦ବର୍ଷ କରିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରାଯାଇଥିଲା। ଏହି ଆଲୋଚନାରେ ଦୁର୍ଯ୍ୟୋଧନ ବେହେରା, ବିଶ୍ୱନାଥ ବେହେରା, ଅମୀୟ କୁମାର ପଣ୍ଡା, ଅମୁଲ୍ୟ କୁମାର ଭୋଇ, ଧିରେନ୍ଦ୍ର ନାୟକ, ନାରାୟଣ ନାୟକ, ଯଶୋବନ୍ତ ଭୁୟାଁ, ରାଜ କିଶୋର ଜେନା, ରମେଶ ଜେନା, ଦିନବନ୍ଧୁ ସାହୁ,କାର୍ତ୍ତିକ ବେହେରା, ବିଜୟ କୁମାର ନାୟକ, କୀର୍ତ୍ତନ ଚରଣ ମଳିକ ସମେତ ବହୁ ଶ୍ରମିକ ନେତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ଶ୍ରମିକ ନେତା ଶିବାଶିଷ ନାୟକ ପରିଚାଳନା କରିଥିଲେ। ଏଥିରେ କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ ଆଦି ଜିଲାରୁ ଶ୍ରମିକନେତାମାନେ ଯୋଗ ଦେଇଥିଲେ।

## ଉଦ୍‌ଘାଟିତ ହେଲା "ପ୍ରତୀକ୍ଷା" ଶିବିର




ଭୁବନେଶ୍ୱର (ପିଏନ୍): ପିଲାମାନେ ଦୀର୍ଘ ସମୟ ଧରି ଅନ୍‌ଲାଇନ୍ ପାଠ ସହିତ ଅନ୍‌ଲାଇନ୍ ସ୍କାଉଟ ଗାଇଡ୍ ପ୍ରତିଯୋଗିତାରେ ଭାଗ ନେଇ, ଖୋଲା ଆକାଶର କାର୍ଯ୍ୟକ୍ରମ ଲାଗି ବ୍ୟସ୍ତ ହେବା ଦେଖି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟାଳୟ ପରିସରରେ ଆୟୋଜିତ "ପ୍ରତୀକ୍ଷା" ଶିବିର ଉଦ୍‌ଘାଟିତ ହୋଇଅଛି। ବହୁଦିନର ପ୍ରତିକ୍ଷା ପରେ ଆଜି ସ୍କାଉଟ ଗାଇଡ୍‌ର ପିଲାମାନେ ଏକତ୍ର ହୋଇ ବହୁତ ମଜା ଉଠାଉଥିବାର ଦେଖିବାକୁ ମିଳିଥିଲା। ଏହି ପ୍ରତୀକ୍ଷା ଶିବିରରେ ୧୨ଟି ଜିଲ୍ଲାରୁ ୪୫୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍,




ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନ ଯୋଗଦାନ କରିଛନ୍ତି। ସକାଳୁ ପିଲାମାନେ ନିଜ ନିଜର ନିତ୍ୟକର୍ମ ସାରିବା ପରେ ପିଲାମାନେ ଏରୋବିକ୍ ମାଧ୍ୟମରେ ବ୍ୟାୟାମ କରିଥିଲେ। ପରେ ପରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଭାବକୁ ବୃଦ୍ଧି କରିବା ପାଇଁ ଏକ "ପେପର କ୍ରାଫ୍ଟ" ପ୍ରତିଯୋଗିତା କରାଯାଇଥିଲା ଏବଂ ପୂର୍ବାହ୍ନ ୧୦ ଘଟିକା ସମୟରେ ଶିବିର କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ପିଲାମାନଙ୍କପାଇଁ ପ୍ଲାଷ୍ଟିକର ବ୍ୟବହାର କିପରି ବନ୍ଦ କରାଯାଇପାରିବ, ପ୍ଲାଷ୍ଟିକର ବ୍ୟବହାର ସମାଜ ଉପରେ କିପରି ଖରାପ ପ୍ରଭାବ ପଡୁଛି ତାହାକୁ ଅତି ପ୍ରାଞ୍ଜଳ ଭାବରେ ପିଲାମାନଙ୍କୁ ବୁଝାଇ ଦିଆଯାଇଥିଲା, ପରେ ପରେ SDG Goal ଏବଂ ବିଶ୍ୱ ସ୍କାଉଟ ସଂଗଠନ ଦ୍ୱାରା ଯୁବପୀଢ଼ୀମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଶାନ୍ତିର ବାର୍ତ୍ତା ପ୍ରଚାର ନିମନ୍ତେ Messenger of Peace କର୍ମଶାଳା ଆୟୋଜନ କରାଯାଇଥିଲା । ପିଲାମାନେ ଏହାର ଭରପୁର ଆନନ୍ଦ ଉଠାଇଥିଲେ। ଅପରାହ୍ନ ୪.୩୦ ଘଟିକା ସମୟରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ସଚିବ, ଅର୍ଥ ବିଭାଗ ଶ୍ରୀ ଅଶୋକ କୁମାର ରଥଙ୍କ ଉପସ୍ଥିତିରେ ଡଃ ମିଶ୍ର ସ୍କାଉଟ ଗାଇଡ୍ ମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ "ପ୍ରତୀକ୍ଷା" କ୍ୟାମ୍ପର ଉଦ୍ଦେଶ୍ୟ ସମ୍ବନ୍ଧରେ ଅତିଥିଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ସ୍କାଉଟ ଓ ଗାଇଡ୍ ସଂଗଠନର ଅତୀତ ଦିନର କାର୍ଯ୍ୟକ୍ରମର ସ୍ମୃତିଚାରଣ କରିବା ସହିତ ଆଗକୁ ଛାତ୍ରଛାତ୍ରୀମାନଙ୍କ ସୁଦୂର ଭବିଷ୍ୟତକୁ ଆଖିଆଗରେ ରଖି ଏଭଳି ଏକ ଆୟୋଜନ କରିଥିବାରୁ ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ରଙ୍କ ଆଭିମୁଖ୍ୟ ଖୁବ୍ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିକ୍ଷା କ୍ୟାମ୍ପରେ ସ୍କାଉଟ ଗାଇଡ୍‌ମାନେ ନିଜ ନିଜର ଅନ୍ତର୍ନିହିତ



ପ୍ରତିଭାର ପ୍ରଦର୍ଶନ କରିବାପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ । ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ପିଲାମାନଙ୍କୁ ଏପରି ପ୍ରତିକୂଳ ପରିସ୍ଥିତିରେ ଆସିଥିବାରୁ ତାଙ୍କ ଜିଲ୍ଲାଶିକ୍ଷାଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସନ୍ଧ୍ୟାରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସମାଜସେବୀ ଦିନବନ୍ଧୁ କରଙ୍କ ପରଲୋକ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରର ବିଶିଷ୍ଟ ସମାଜସେବୀ ତଥା ମୁନି ସମାଜର ପୂର୍ବତନ ସମ୍ପାଦକ ଦିନବନ୍ଧୁ କରଙ୍କର ମାର୍ଚ୍ଚ ୩ ତାରିଖ ଗୁରୁବାର ଦିନ ପୂର୍ବାହ୍ନ ୧୦ ଘଂଟିକା ସମୟରେ ବାଲିଆ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ବହୁଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ଶୁଶାନ୍ତ କର, ସାନ ପୁଅ ପ୍ରଶାନ୍ତ କର ଓ ୨ ଝିଅ ସନ୍ଧ୍ୟାରାଣୀ, ସ୍ନିଗ୍ଧାରାଣୀଙ୍କ ସମେତ ୨ ବୋହୁ ଏବଂ ନାତି, ନାତୁଣୀ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ମିତ୍ରପୁର ବେଗୁନିଆସ୍ଥିତ ପୈତୃକ ବାସଭବନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବାଲେଶ୍ୱରର ବହୁ ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍, ସାମ୍ବାଦିକ ଓ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ସେ ବାଲେଶ୍ୱର ଇଲେକ୍ଟ୍ରିକାଲ ଷ୍ଟେନୋ ଭାବରେ ଦୀର୍ଘ ୩୩ ବର୍ଷ କାମ କରିଥିଲେ। ସେ ବହୁ ଜନମଙ୍ଗଳକାରୀ କାର୍ଯ୍ୟ ଓ ସମାଜସେବା କରି ବାଲେଶ୍ୱରରେ ସୁନାମ ଅର୍ଜନ କରିଥିଲେ ଏବଂ ବାଳାଶ୍ରମ ସ୍ଥିତ ମୁନି ସମାଜର ପୂର୍ବତନ ସମ୍ପାଦକ ଥିଲେ।

### ଛିନତାଇ ଅଭିଯୋଗରେ ଜଣେ ଗିରଫ

ଖୋର୍ଦ୍ଧା (ପିଏନ)- ଗତ ଫେବୃୟାରୀ ମାସ ୨୬ ତାରିଖରେ ନୟାଗଡ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବିରୁଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ନିଜ ଧର୍ମପତ୍ନୀ ସହିତ ଅପରାହ୍ନ ସମୟରେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ସମୟରେ ବେଗୁନିଆ ଆଦର୍ଶ ବିଦ୍ୟାଳୟ ନିକଟରେ ଛିନତାଇ ହୋଇଥିଲା । ଏ ନେଇ ବେଗୁନିଆ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ରଣପୁର ବ୍ଲକ ରାଜସୁନାଖଳା ଗ୍ରାମର ପ୍ରଦୀପ କୁମାର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନାଟକ ଧର୍ମପଦର ଅଭିଶେଷ ପୁସ୍ତକ ପୂଜନ ଉତ୍ସବ



ଚଣ୍ଡିଖୋଲ (ପିଏନ)-ଚଣ୍ଡିଖୋଲ ସ୍ଥିତ ସୌଖୀନ ନାଟକ ଅନୁଷ୍ଠାନ ନାଟ୍ୟାୟନ ଆନୁକୁଲ୍ୟରେ ନାଟକ ଧର୍ମପଦର ଅଭିଶେକ ପୁସ୍ତକ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଔପନ୍ୟାଶିକ ଚିତ୍ତରଂଜନ ଚିରଜିତ୍‌ଙ୍କ ଉପନ୍ୟାସ ସେତୁ ଅବଲମ୍ବନରେ ରଚିତ ନାଟକ ଧର୍ମପଦର ଅଭିଶେକକୁ ନାଟ୍ୟକାର ଓ ନିର୍ଦ୍ଦେଶକ ଡ଼. ବିଦୁଭୁଷଣ ପଣ୍ଡା ନାଟ୍ୟ ରୁପାନ୍ତର କରିଥିଲେ। ଆଗାମୀ ମାର୍ଚ୍ଚ ୨୮ ତାରିଖରେ ବିଶ୍ୱ ନାଟକ ଦିବସ ଅବସରରେ ମଂଚସ୍ଥ ହେବାକୁ ଥିବା ଏହି ନାଟକଟିର ପ୍ରେସ୍ କ୍ଲବ୍ ଚଣ୍ଡିଖୋଲ ସମ୍ମିଳନୀ କକ୍ଷରେ ପୁସ୍ତକ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାକାର ଦୁର୍ଯ୍ୟୋଧନ ବେହେରା, ପ୍ରଶାନ୍ତ କୁମାର ଜେନା, ସୁରେନ୍ଦ୍ର ନାଥ ସାମଲ, ପ୍ରଭାତ ରଂଜନ ମହାରଣା, ଚିନ୍ମୟ କୁମାର ପୃଷ୍ଟି, ପ୍ରସନ୍ନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଚଣ୍ଡିଖୋଲଠାରେ ପ୍ରତିଷ୍ଠା କରାଯାଇଥିବା ସୌଖୀନ ନାଟ୍ୟସଂସ୍ଥା ନାଟ୍ୟାୟନ ଜିଲ୍ଲା ତଥା ଜିଲା ବାହାରେ ବହୁ ସାମାଜିକ ଓ ସଚେତନାତ୍ମକ ନାଟକ ପରିବେଷଣ କରି ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଅଛି।

## ଅରିଲୋ ମେଳଣ ଶାନ୍ତି କମିଟି ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ଅରିଲୋ ମେଳଣ ଶାନ୍ତି କମିଟି ବୈଠକ ଜନାର୍ଦ୍ଦନଦେବଙ୍କ ପୀଠରେ କିଶୋର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଦର ଥାନା ଆଇଆଇସି ସୁଧାଂଶୁଭୂଷଣ ଜେନା, ଏସିପି ଚନ୍ଦନ ଘଡ଼େଇ, ଯୁଧିଷ୍ଠିର ଭୋଳ, ଉମାକାନ୍ତ ନନ୍ଦ, ଲିଙ୍ଗରାଜ ମହାନ୍ତି, ଗୋପାଳଚନ୍ଦ୍ର ମିଶ୍ର, ଡଃ.ଶରତକୁମାର ରଥ, ପରେଶ ମଙ୍ଗରାଜ, ଅଶୋକ ଦାସ, ଅଶୋକ ରଥ, ଲଳିତ କୁମାର ଦାଶ, କାହ୍ନୁ ପାତ୍ର, ପର୍ଶୁରାମ ସେନାପତି, ସୁନ୍ଦରପବିତ୍ର ଦାସ, ଯଜ୍ଞେଶ୍ୱର ଶତପଥି, ସୁରେଶକୁମାର ଦାଶ, ଦିବ୍ୟନାରାୟଣ ମହାନ୍ତି, ବୈଷ୍ଣବ ଚୌଧୁରୀ, ଶୈଳଜାନନ୍ଦ ସାହୁ, ବିପ୍ରଚରଣ ଭୋଳ, ସୁକାନ୍ତ ଭୋଳ, ଯୁଧିଷ୍ଠିର ପରିଜା, କେଲୁଚରଣ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ। ମେଳଣରେ କେବଳ ପାରମ୍ପରିକ ବାଦ୍ୟ ବ୍ୟତୀତ ଆଉ କୌଣସି ପ୍ରକାର ବାଜା, ଡିଜେ, ବାଣ, ମାଇକି ଅଥବା ପ୍ରସେସନ ହୋଇପାରିବନାହିଁବୋଲି ନିଷ୍ପତ୍ତି ହୋଇଛି। ସେହିପରି ମୀନାବଜାର ମଧ୍ୟ ବନ୍ଦ ରହିବ। ସରକାରଙ୍କ କୋଭିଡ଼ କଟକଣାକୁ ସବୁ ଦୋଳ କମିଟି ପାଳନ କରିବାକୁ ଶାଁ କମିଟି କର୍ମକର୍ତ୍ତା ଓ ପୁଲିସ ଅନୁରୋଧ କରିଥିଲେ। ଏହି ଅବସରରେ ଅରିଲୋ ମେଳଣ ସାରସ୍ୱତ କମିଟି ପକ୍ଷରୁ ଉମାକାନ୍ତ ନନ୍ଦ, ଉମେଶ ମଙ୍ଗରାଜ ଓ ମେଧାବୀ ଛାତ୍ରୀଙ୍କୁ ସମ୍ମାନିତ କରଯାଇଥିଲା। ଉକ୍ତ ବୈଠକରେ ଆଖ ପାଖ ଅଞ୍ଚଳରୁ ଶତାଧିକ ଦୋଳ କମିଟି ସଦସ୍ୟ, ମାର୍ଫତଦାର ଓ ମହନ୍ତ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାମ୍ବାଦିକ ଲଳିତକୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାରିକମାନଙ୍କୁ ମାର୍ଗଦର୍ଶନ ପ୍ରଦାନ

ଭୁବନେଶ୍ୱର (ପିଏନ୍): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଶିକ୍ଷକ ଶିକ୍ଷା ଓ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ତରଫରୁ ନବନିଯୁକ୍ତ ଗ୍ରନ୍ଥାଗାରିକମାନଙ୍କୁ ୭ ଓ ୮ ତାରିଖ ଦୁଇଦିନ ଧରି ମାର୍ଗଦର୍ଶନ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ସ୍ଥାନୀୟ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଙ୍ଘମିତ୍ରା ସାହୁ, ରୁଦ୍ରପ୍ରସାଦ ବେହେରା, ପଦ୍ମନାଭ ଜେନା, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଠମଣି ବିଶ୍ୱାଳ ପ୍ରମୁଖ ସେମାନଙ୍କୁ ପାଠାଗାର ପରିଚାଳନା ଓ ସେବା ବିଷୟରେ ମାର୍ଗଦର୍ଶନ କରିଥିଲେ।

## ପଞ୍ଚବଟୀ ଦୋଳ ମେଳଣ ଶାନ୍ତି କମିଟି ବୈଠକ



ଫୁଲନଖରା (ପିଏନ୍)-ପାହାଳ ଥାନା ଜୟରଶାସନ ଅନ୍ତର୍ଗତ ପଞ୍ଚବଟୀଠାରେ ପଞ୍ଚବଟୀ ଦୋଳ ମେଳଣ ପ୍ରସ୍ତୁତି ବୈଠକ ସୁବଳ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାହାଳ ଥାନା ଆଇଆଇସି ଷ୍ଟାଲିନ ବିଶ୍ୱାଳ, ନଳିନୀକୁମାର ସ୍ୱାଇଁ, କେଲୁଚରଣ ଖୁଣ୍ଟିଆ, ମହେଶ୍ୱର ଦାସ, ଯୁଧିଷ୍ଠିର ପରିଜା, ମୁରଲୀଧର ପଣ୍ଡା, ସନାତନ ପରିଜା, ହର୍ଷବର୍ଦ୍ଧନ ସାହୁ, ଦେବେନ୍ଦ୍ରନାଥ ଛୋଟରାୟ, ବନମାଳି ପ୍ରଧାନ, ରାଜେନ୍ଦ୍ର ପରିଜା, ଦୁର୍ଗାଚରଣ ମହାପାତ୍ର, ପ୍ରଭାତ ଦାସ, ବିକ୍ରମ ବେହେରା ପ୍ରମୁଖ ଯୋଗଦେଇ ମେଳଣ ସୁପରିଚାଳନା ପାଇଁ ଆଲୋଚନା କରିଥିଲେ। ଚଳିତ ବର୍ଷ ବାଣ, ରୋଷଣୀ ଓ ଡିଜେକୁ ବନ୍ଦ କରାଯାଇଥିଲାବେଳେ କେବଳ ପାରମ୍ପରିକ ବାଦ୍ୟକୁ ଅନୁମତି ଦିଆଯାଇଛି। ସେହିପରି ମୀନା ବଜାର ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବବୋଲି ଆଇଆଇସି ଶ୍ରୀ ବିଶ୍ୱାଳ ଘୋଷଣା କରିଥିଲେ। ଆସନ୍ତା ୨୨ତାରିଖରେ ଦୋଳଯାତ୍ରା ଓ ୨୩ତାରିଖରେ ଏକଦିବସୀୟ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ ସିଂଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତି ଅନୁସାରେ ଉଭୟ ପକ୍ଷ ଛାତ୍ର ଓ ଶିକ୍ଷକ ବିନିମୟ, ଗବେଷଣା, ଶିଳ୍ପ ଭିତ୍ତିକ କାର୍ଯ୍ୟକ୍ରମ ତଥା ସ୍ୱଳ୍ପ କାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଇବା ପାଇଁ ଅନୁବନ୍ଧିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକ ଡଃ. ଜ୍ଞାନୀନ୍ଦ୍ର ଦାଶ, ରଞ୍ଜିତ କୁମାର ଦାସ, ଅଧ୍ୟାପକ ଡଃ. ସୁରେଶ ଚନ୍ଦ୍ର ଦାସ ଅଂଶଗ୍ରହଣ କରିଥିବା ବେଳେ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିର୍ଦ୍ଦେଶକ ରବିନାରାୟଣ ଶତପଥୀ, ପ୍ରବନ୍ଧକ ଡି.ପି. ସାହୁ, କମର୍ସ ମ୍ୟାନେଜମେଣ୍ଟ ବିଭାଗ ପ୍ରଫେସର ଧଳ, ପ୍ରଫେସର ସୁନିଲ ଏବଂ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିନାମା ଯୋଗୁଁ ମହାବିଦ୍ୟାଳୟ ପରିସର ଏବଂ ବୁଦ୍ଧିଜୀବି ମହଲରେ ଖୁସିର ବାତାବରଣ ଖେଳି ଯାଇଛି।




# ସାରା ଗୋଧୂଳିର ବସନ୍ତ କବିତା ପାଠୋତ୍ସବ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଅଜି ସନ୍ଧ୍ୟାରେ ସାରା ଗୋଧୂଳି ଅନୁଷ୍ଠାନ ପକ୍ଷରୁ ବସନ୍ତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । କବୟିତ୍ରୀ ପଦ୍ମଜା ସରଣଙ୍କ ସଂଯୋଜନାରେ ବରିଷ୍ଠ କବି ଡ. ରାଜ କିଶୋର ପାଢୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କବି ସଂଗ୍ରାମ ଜେନା, ମିନତୀ ସାହୁ, ପ୍ରେମଲତା ମହାରଣା, ଅର୍ଜୁନ ପୃଷ୍ଟି, ପ୍ରତିଭା ମରି ଦାସ, ସବିତା ବିଶ୍ୱାଳ ପ୍ରମୁଖ କବିତା ପାଠ କରିଥିଲେ । କବିତା ଗୁଡିକୁ ବ୍ରହ୍ମବରଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ମହେଶ୍ୱର ପାଢୀ ସମିକ୍ଷା କରିଥିଲେ । ଡ. ଚିତରନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାର୍ ମାନଙ୍କରେ ବାଉନ୍ସର ନିଯୁକ୍ତିକୁ କମିଶନରେଟ୍ ପୋଲିସର ବାରଣ

ଭୁବନେଶ୍ୱର,(ପି.ଏନ): ଦ୍ୱୈତନଗରୀ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ୍ ଅଂଚଳରେ ଥିବା ମଦବାର୍ ଗୁଡ଼ିକ ସୁରକ୍ଷା କାର୍ଯ୍ୟ ପାଇଁ ପ୍ରାଇଭେଟ୍ ସୁରକ୍ଷାକର୍ମୀ/ବାଉନ୍ ସରମାନଙ୍କୁ ନିୟୋଜିତ କରୁଥିବା ସରକାରଙ୍କ ଦୃଷ୍ଟିରୁ ଆସିଛି । ଏହି ପ୍ରକାର ସୁରକ୍ଷାକର୍ମୀମାନଙ୍କ ନାମରେ ବହୁ ଅପରାଧ ମାମଲା ମଧ୍ୟ ନିକଟ ଅତୀତରେ ରୁଜୁ ହୋଇଛି । ବାଉନ୍ସରମାନଙ୍କଠାରୁ ସାଧାରଣ ଗ୍ରାହକଙ୍କ ଜୀବନ ପ୍ରତି ବିପଦ ତଥା ସାମାଜିକ ଶାନ୍ତି ବ୍ୟାହତ ହେବାର ମଧ୍ୟ ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ଉଭୟ ଭୁବନେଶ୍ୱର ଏବଂ କଟକ ଅଂଚଳର ବାର୍ ମାଲିକମାନଙ୍କ ପାଇଁ ପୋଲିସ କମିଶନର ଆସନ୍ତା ଦୁଇମାସ ପର୍ଯ୍ୟନ୍ତ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି । ବାରମାଲିକମାନେ ନିଜ ଅଂଚଳର ଡିସିପିଙ୍କଠାରୁ ସୁରକ୍ଷା କର୍ମଚାରୀଙ୍କ ସଂପର୍କରେ ଅପରାଧ ପୃଷ୍ଠଭୂମିର ପୂର୍ବ ରେକର୍ଡ ଯାଂଚ କରିବା ବାଧ୍ୟତାମୂଳକ କରାଯାଇଛି । ପ୍ରାଇଭେଟ ସିକ୍ୟୁରିଟି ଏଜେନ୍ସିମାନଙ୍କଠାରୁ ବାର ମାଲିକମାନେ ସୁରକ୍ଷା କର୍ମଚାରୀ ନିୟୋଜିତ କରିପାରିବେ । ନିୟୋଜିତ କରିଥିବା ସୁରକ୍ଷା କର୍ମଚାରୀଙ୍କ ବିଷୟରେ ବାର୍ ମାଲିକମାନେ ସ୍ଥାନୀୟ ପୋଲିସକୁ ଲିଖିତ ଭାବେ ଜଣାଇବେ । ଏହି ନିୟୋଜିତ ସୁରକ୍ଷା କର୍ମଚାରୀଙ୍କ ସାଧାରଣ ଆଇନ ପରିସରଭୁକ୍ତ ରହିବେ । ଆବଶ୍ୟକସ୍ଥଳେ ୧୧୨ ନମ୍ବରକୁ କଲକରି ଏହି ସୁରକ୍ଷା କର୍ମଚାରୀମାନଙ୍କ ସୂଚନା ଦେଇପାରିବେ । କୌଣସି ପରିସ୍ଥିତିରେ ମଧ୍ୟ ଏହି ସୁରକ୍ଷାକର୍ମୀମାନେ ଗ୍ରାହକମାନଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରିପାରିବେ ନାହିଁ । ତା.୧୧/୦୩.୨୦୨୨ରିଖଠାରୁ ତା.୦୯.୦୫.୨୦୨୨ରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତର ରହିବ ବୋଲି ଦ୍ୱୈତନଗରୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି ।

# ଅଢେଇ ବର୍ଷରେ ଶେଷ ହେବ ବିଧାୟକଙ୍କ ବହୁତଳ ପ୍ରାସାଦ ନିର୍ମାଣ କାର୍ଯ୍ୟ : ବାଚସ୍ପତି

ଭୁବନେଶ୍ୱର,(ପି.ଏନ): ରାଜ୍ୟର ବିଧାୟକଙ୍କ ପାଇଁ ନିର୍ମିତ ବହୁତଳ ପ୍ରାସାଦର ନିର୍ମାଣ କାମ ଆସନ୍ତା ଅଢ଼େଇ ବର୍ଷରେ ଶେଷ ହେବ । ଏଥିଲାଗି ୨୭୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ବିଧାୟକଙ୍କ ଲାଗି କ୍ୱାର୍ଟର ନିର୍ମାଣର ଅଗ୍ରଗତି ନେଇ ସମୀକ୍ଷା କରିବା ପରେ ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି, ବିଧାୟକଙ୍କ ପାଇଁ ନିର୍ମିତ ବହୁତଳ ପ୍ରାସାଦର ନିର୍ମାଣ କାର୍ଯ୍ୟ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ଓବିସିସି ମୁଖ୍ୟଯନ୍ତ୍ରୀଙ୍କୁ ୫୦ କୋଟି ଟଙ୍କା ଦିଆଯାଇଛି ଏବଂ ଅବଶିଷ୍ଟ ୨୨୫ କୋଟି ଟଙ୍କା ବିଭାଗ ଦେବ । ଏନେଇ ବଜେଟରେ ବ୍ୟବସ୍ଥା ହୋଇଛି । ଆଜି ତାରିଖ ସୁଦ୍ଧା ବିଧାୟକ କଲୋନୀରୁ ୮ ଜଣ ବିଧାୟକ ପ୍ରଦତ ଗୃହ ଛାଡ଼ିନାହାନ୍ତି । ସେମାନେ ଚଳିତ ମାସ ୨୫ ତାରିଖ ସୁଦ୍ଧା ଗୃହ ଛାଡ଼ିଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି । ବିଧାୟକମାନେ ଗୃହ ଛାଡ଼ିବା ପରେ ପୁରୁଣା ଗୃହକୁ ତୁରନ୍ତ ଭଙ୍ଗାଯିବ । ଟେଣ୍ଡର କାର୍ଯ୍ୟକୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯାଇ ପରବର୍ତୀ ୧୦ରୁ ୧୫ ଦିନ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବଭାରତୀୟ ସ୍ତରର ଲବ୍ଧପ୍ରତିଷ୍ଠିତ କୋଠା ଏବଂ ପ୍ରାସାଦ ନିର୍ମାଣ କରୁଥିବା କମ୍ପାନୀମାନେ କାର୍ଯ୍ୟାଦେଶ ପାଇବା ନିମନ୍ତେ ଆବେଦନ କରିଥିବା ସେ ପ୍ରକାଶ କରିଛନ୍ତି ।ନୂତନ ବିଧାୟକ କଲୋନୀରେ ମାର୍କେଟ କମ୍ପ୍ଲେକ୍ସ, ବ୍ୟାୟାମ ସ୍ଥଳ, ଏକକାଳୀନ ୨୦୦୦ରୁ ୩୦୦୦ ଲୋକ ଭୋଜି ଖାଇବା ଭଳି କଲ୍ୟାଣମଣ୍ଡପ, ରେଳ ଓ ଉଡ଼ାଜାହାଜ ଟିକଟ ବୁକିଂ କାଉଂଟର, ଚିକିତ୍ସା ସୁବିଧା, ପୋଲିସ ଷ୍ଟେସନ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା ରହିବ । ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ପୂର୍ତ୍ତ ଓ ଓବିସିସିର ଉଚ୍ଚ କର୍ତ୍ତୃପକ୍ଷ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ୟୁକ୍ରେନ ଫେରନ୍ତା ଡ଼ାକ୍ତରୀ ଛାତ୍ରଙ୍କ ପାଠପଢାର ବ୍ୟବସ୍ଥା କରନ୍ତୁ ସରକାର: ବାମପନ୍ଥୀ ଦଳ

ଭୁବନେଶ୍ୱର, (ପି.ଏନ): ଜନସଂଖ୍ୟା ଦୃଷ୍ଟିରୁ ଆମ ଦେଶରେ ଡ଼ାକ୍ତରମାନଙ୍କ ଘୋର ଅଭାବ ରହିଛି । ପୃଥିବୀର ଉନ୍ନତ ଦେଶମାନଙ୍କରେ ପ୍ରତି ୨୫୦ଲୋକରେ ଜଣେ ଡ଼ାକ୍ତର ଥିଲାବେଳେ ଆମ ଦେଶରେ ପ୍ରାୟ ହଜାର ଲୋକରେ ଜଣେ ଡ଼ାକ୍ତର ଅଛନ୍ତି । ଅଥଚ ଆମ ଦେଶରେ ଡ଼ାକ୍ତରୀ ପାଠ ପଢିବାର ପର୍ଯ୍ୟାପ୍ତ ସୁଯୋଗ ନାହିଁ । ପୁଣି ଘରୋଇ ମେଡ଼ିକାଲ କଲେଜରେ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାରୁ ପିଲାମାନେ ବିଦେଶରେ ଡ଼ାକ୍ତରୀ ପାଠ ପଢିବାକୁ ବାଧ୍ୟ ହେଉଛନ୍ତି । ରୁଷ୍ ଓ ୟୁକ୍ରେନ ଯୁଦ୍ଧ ଯୋଗୁ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି ଓ ଅନେକ ଆହତ ହେବା ସହ ବିପଦକୁ ବରଣ କରି ଦେଶକୁ ଫେରିଥିଲେ ମଧ୍ୟ ଅନିଶ୍ଚିତ ଭବିଷ୍ୟତ ଯୋଗୁ ଘୋର ମାନସିକ ଚାପରେ ଅଛନ୍ତି । ତେଣୁ ଦେଶ ଭିତରେ ସେମାନଙ୍କର ପାଠପଢା ଓ ପରୀକ୍ଷାର ସୁବନ୍ଦୋବସ୍ତ କରିବା ଆମର ନୈତିକ କର୍ତବ୍ୟ ହେବା ଦରକାର । ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓ ପ୍ରଧାନମନ୍ତ୍ରୀ ମୋଦିଜୀ ତୁରନ୍ତ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ବାମପନ୍ଥୀ ଦଳମାନେ ଦାବି କରିଛନ୍ତି ।

## ଓଡିଶାବାସୀଙ୍କୁ ବିଭ୍ରାନ୍ତ ଓ ଭ୍ରମିତ ପାଇଁ ବିଜେପି ଚେଷ୍ଟା ଚଳାଇଛି: ବିଜେଡ଼ି

ଭୁବନେଶ୍ୱର,୧(ପି.ଏନ): ଓଡିଶା ବିଜେପି ଅଭ୍ୟାସଗତ ଭାବେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ ଓ ଭ୍ରମିତ କରିବା ସହିତ ସେମାନଙ୍କୁ ଦ୍ୱନ୍ଦରେ ପକାଇବାକୁ ଚେଷ୍ଟା କରୁଛି । ଏଭଳି କାର୍ଯ୍ୟ ପାଇଁ ଓଡିଶାର ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଥିବାବେଳେ ଓଡ଼ିଶା ବିଜେପି ଏଥିରୁ କିଛି ଶିଖିପାରୁ ନାହିଁ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଡକ୍ଟର ପାତ୍ର କହିଛନ୍ତି ଯେ ଓଡ଼ିଶା ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କର ଆଜିର ବିବୃତିରୁ ଏହା ପ୍ରତିଫଳନ ହେଉଛି । ରାଜନୈତିକ ଫାଇଦା ହାସଲ କରିବାକୁ ସେ ପୁନର୍ବାର ଲୋକଙ୍କୁ ଦ୍ୱନ୍ଦରେ ପକାଇବା ଏବଂ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି । ଏଭଳି କୌଶଳ ଓଡ଼ିଶା ବିଜେପିର ଜାରି ରହିଛି ଏବଂ ସେମାନଙ୍କୁ ଓଡ଼ିଶାର ଲୋକମାନଙ୍କଠାରୁ ଏହା ଆହୁରି ଦୂରେଇ ଦେବ ।

# ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ନଗର ଉନ୍ନୟନ ମନ୍ତ୍ରୀ:ରାଜୁ ପାଢ଼ୀ ସେବା କରିବା ପାଇଁ ପ୍ରତିଜ୍ଞା ବଦ୍ଧ



ଫୁଲବାଣୀ:କନ୍ଧମାଳ ଜିଲ୍ଲା ର ଫୁଲବାଣୀ ସହରରେ ହେବାକୁ ଥିବା ପୌର ନିର୍ବାଚ଼ନ ପାଇଁ ସମସ୍ତ ୱାର୍ଡରେ ସାଂସଦ ଡ଼ଃ. ଅଚ୍ୟୁତ ସାମନ୍ତ ଓ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ବିଜେଡି ଅଧକ୍ଷା ପାର୍ଥୀ ପୁନମ କହଁର ଓ ପ୍ରତି ୱାର୍ଡ ର କାଉନସିଲରଙ୍କ ପାଇଁ ଜୋରସୋରରେ ପ୍ରଚ଼ାର କରିଛନ୍ତି କ୍ଷ ପୌର ନିର୍ବାଚ଼ନ ପ୍ରଚ଼ାର ଅବସରରେ ଫୁଲବାଣୀର ଅମଲାପଡା ସ୍ଥିତ ବ୍ରାହ୍ମଣ ଦେବି ମନ୍ଦିର ପଡିଆ ସମ୍ମୁଖରେ ୬ ଓ ୭ ନମ୍ବର ୱାର୍ଡ ପାଇଁ ମନ୍ତ୍ରୀ ଓ ସାଂସଦ ପ୍ରଚ଼ାର କରିବା ସହ କର୍ମୀ ମାନଙ୍କୁ ଏକଜୁଟ ହୋଇ ନିଷ୍ଠାର ସହ ପାର୍ଥୀଙ୍କ ସହ ଭୋଟରଙ୍କ ପାଖକୁ ଯାଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିବା ବେଳେ ଉକ୍ତ ନିର୍ବାଚ଼ନ ପ୍ରଚ଼ାରରେ ଚେୟାରମ୍ୟାନ ପ୍ରାର୍ଥୀନୀ ଶ୍ରୀମତୀ ପୁନମ କହଁର, ୬ ନମ୍ବର ୱାର୍ଡ ମେମ୍ବର ପ୍ରାର୍ଥୀନୀ ଲଳିତା ମୁନି, ୭ ନମ୍ବର ୱାର୍ଡ ମେମ୍ବର ପ୍ରାର୍ଥୀନୀ ଟୁନି ସେଠିଙ୍କ ପାଇଁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓ କନ୍ଧମାଳ ସାଂସଦ ଡ଼ଃ ଅଚ୍ୟୁତାନନ୍ଦ ସାମନ୍ତ ପ୍ରମୁଖ ଭୋଟ ଭିକ୍ଷା କରିଥିଲେ କ୍ଷ ଚ଼ାଲିଛି ପୌର ନିର୍ବାଚ଼ନ ପ୍ରଚ଼ାର । ସମସ୍ତ ୱାର୍ଡରେ ପ୍ରମୁଖ ଦଳର ନେତାମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ସୋମବାର ଦିନ ଫୁଲବାଣୀର ୮ ନମ୍ବର ନୂଆସାହି ୱାର୍ଡରେ ମନ୍ତ୍ରୀ ପ୍ରତାପ ଜେନା ପ୍ରଚ଼ାର କରୁଥିବା ସମୟରେ ୱାର୍ଡର ମହିଳା ଭୋଟର୍ ବିରୋଧ କରିଥିଲେ କ୍ଷ ବହୁଦିନ ଧରି ୱାର୍ଡରେ ଡ୍ରେନେଜ ଠାରୁ ଆରମ୍ଭ କରି ପାନୀୟ ଜଳର ସମସ୍ୟା ୧୦ ବର୍ଷ ଧରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୱାର୍ଡର ବାସିନ୍ଦା କ୍ଷ ପୂର୍ବତନ କାଉନ୍?ସିଲର ଓ ଚେୟାରମ୍ୟାନ କିଛି କାର୍ଯ୍ୟ କରି ନଥିଲେ ଯାହା ଫଳରେ ୱାର୍ଡର ମହିଳା ମାନେ ଭାଷଣ ଆରମ୍ଭ ମାତ୍ରେ ମନ୍ତ୍ରୀଙ୍କୁ ବିରୋଧ କରିଥିଲେ । ମନ୍ତ୍ରୀ ଲୋକଙ୍କ କଥା ଶୁଣିବା ପରେ ୮ ନମ୍ବର ନୂଆସାହି ୱାର୍ଡରେ ମନ୍ତ୍ରୀ ପ୍ରତାପ ଜେନା ବୁଲିଥିଲେ । ନିଜ ଆଖିରେ ଡ୍ରେନେଜ୍ ପାଣି ସମସ୍ୟା ଦେଖିବା ପରେ ୱାର୍ଡର ବାସିନ୍ଦାଙ୍କୁ ନିର୍ବାଚ଼ନ ପରେ ସମସ୍ୟାର ସମାଧାନ ପାଇଁ କହିଥିଲେ ।୮ନଂ ୱାର୍ଡରେ ବିଜେଡି ପକ୍ଷରୁ ରାଜେନ୍ଦ୍ର ପାଢ଼ୀ( ରାଜୁ) କାଉନସିଲର ପାର୍ଥୀ ଭାବେ ପ୍ରତିଦ୍ୱନ୍ଦୀତା କରୁଛନ୍ତି । ସେ ମଧ୍ୟ ନିଜେ ନିର୍ବାଚ଼ନ ଜିତିବା ପରେ ମୋର ପ୍ରଥମ କାର୍ଯ୍ୟ ୮ନଂ ୱାର୍ଡ ର ପାନୀୟ ଓ ଡ୍ରେନେଜ ସମସ୍ୟା ଦୂର କରିବି ବୋଲି ୱାର୍ଡ ବାସୀଙ୍କୁ ପ୍ରତି ଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ଭିତରେ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ରାଜ୍ୟ ସଂଖ୍ୟାଲଘୁ ସେଲର ସାଧାରଣ ସମ୍ପାଦକ ମହମ୍ମଦ ୟାସିନ ବେଗ, ଛାତ୍ର ସଭାପତି ସୁନୀଲ ସେଠି,ଫୁଲବାଣୀର ଲୋକ ପ୍ରିୟ କଳାକାର ଜଳନ୍ଧର କହଁର, ସଂଖ୍ୟା ଲଘୁ ନେତା ମହମ୍ମଦ ସାକିଲ, ପାର୍ଥ ବିଶ୍ୱାଳ,ପୂର୍ବତନ ପୋ ?ରାଧକ୍ଷ ରାଜେନ୍ଦ୍ର କଁହର,ପ୍ରସନ୍ନ ବିଶୋଇ ପ୍ରମୁଖଙ୍କ ସମେତ ବିଜେଡି କର୍ମୀ ଓ ବହୁ ସଂଖ୍ୟକ୍ଷରେ ସାହିର ଜନସାଧାରଣ ଉପସ୍ଥିତ ଥିଲେ କ୍ଷ ମନ୍ତ୍ରୀ ଓ ସାଂସଦଙ୍କ ଉପସ୍ଥିତି ଫଳରେ ଏବେ ଫୁଲବାଣୀ ରେ ବିଜେଡିର ପଲ୍ଲା ଭାରି ଥିବା ପରି ମନେ ହେଉଛି ।

# ଜମି ପଟ୍ଟା ଖାରଜ ଦାବିରେ ତହସିଲ ସମ୍ମୁଖରେ ଧାରଣା

ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମୌଜା କପିଳେଶ୍ୱରପୁର ୧ରେ ଜଣେ ବ୍ୟକ୍ତି କିଣିଥିବା ଜମିକୁ ଅନ୍ୟ ଜଣେ ବେଆଇନ ଭାବେ ନିଜ ନାମରେ ପଟ୍ଟା କରିନେଇଥିବା ପ୍ରତିବାଦରେ କିଣିଥିବା ଜମି ମାଲିକ ସପରିବାରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ସୁଚନା ଯୋଗ୍ୟ ଯେ ଏହି ତହସିଲ ଅନ୍ତର୍ଗତ ମୌଜା କପିଳେଶ୍ୱର ୧ର ଖାତା ନମ୍ବର ୭୦/୫ ପ୍ଲଟ ନମ୍ବର ୧୦୫ ରେ ଥିବା ବଡମଙ୍ଗଳପୁର ଗ୍ରାମର ଅନନ୍ତ ଶତପଥୀଙ୍କ ୯ ଡିସିମିଲ ଜମିକୁ ଦୁବଗାଡିଆ ଗ୍ରାମର ଭୀମସେନ ସାହୁ ୧୯୯୭ ମସିହାରେ ରେଜେଷ୍ଟ୍ରି କାର୍ଯ୍ୟାଳୟରେ କବଲା କରି କ୍ରୟ କରିଥିଲେ । ଏଥିସହ ଏହି ଜମିକୁ ତହସିଲରେ ଦାଖଲ ଖାରଜ କରି ଖଜଣା ଦେଉଥିଲେ । ତେବେ ଗତ ଜାନୁଆରୀ ମାସରେ ଜମିର ଖଜଣା ଦେବାକୁ ଶ୍ରୀ ସାହୁ ଆରଆଇ ଅଫିସକୁ ଯାଇଥିଲେ । ହେଲେ ଏହି ଜମି ଅଚ୍ୟୁତପୁର ଗ୍ରାମର ମାୟାଧର ଖଟୁଆ ଓ ସୁକୁଟି ଖଟୁଆଙ୍କ ନାମରେ ରେକର୍ଡ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଏସମ୍ପର୍କରେ ସେ ଧର୍ମଶାଳା ତହସିଲଦାରଙ୍କୁ ଅବଗତ କରିଥିଲେ । ହେଲେ ତହସିଲଦାର ଏନେଇ କୌଣସି ପଦକ୍ଷେପ ନନେବାରୁ ସେ ପୁନର୍ବାର ମାର୍ଚ୍ଚ ୭ ତାରିଖରେ ଅଭିଯୋଗ କରିଥିଲେ । ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ହତାସ ହେବା ପରେ ଆଜି ଭିନସେନ ସାହୁ ସପରିବାର ଧର୍ମଶାଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଯେଉଁ ପର୍ଯ୍ୟନ୍ତ ଶ୍ରୀ ସାହୁ ନିଜର ଜମି ଫେରସ୍ତ ନପାଇଛନ୍ତି ସେ ପର୍ଯ୍ୟନ୍ତ ସେ ଏହି ଧାରଣାରେ ବସିରହିବେ ବୋଲି କହିଛନ୍ତି । ଏନେଇ ସେ ଯାଜପୁର ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି ।

## ମାନସିକ ଭାରସାମ୍ୟ ହରାଇ ମହିଳାଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା, (ପିଏନ)- ବେଗୁନିଆ ସଦର ମହକୁମାର କାମନା ସାହିର ଜଣେ ମହିଳା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବାର ଜଣା ପଡିଛି । ଏ ନେଇ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ଘଟଣାର ତଦ଼ଂ ଚଳାଇଛି । ପୋଲିସ ସୂଚନା ମୁତାବକ ସଂୋଷ ପୃଷ୍ଟିଙ୍କ ପତ୍ନୀ ରଶ୍ମିତା (୪୫) ହାତ ଉଧାରି କରି ଋଣ ଶୁଝି ନ ପାରିବାରୁ ମାନସିକ ସ୍ତରରେ ଭାରସାମ୍ୟ ରକ୍ଷା କରି ନପାରି ନିଜ ଘରେ ଫ୍ୟାନରେ ଲୁଗା ଲଗାଇ ମଙ୍ଗଳବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଥିଲେ ।

# ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ସମାଜସେବୀ କାହ୍ନୁଚରଣ ଦାଶ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରାଚୀନ କବି ଓ ସାହିତ୍ୟିକମାନେ ରଚନା କରିଥିବା ଓଡ଼ିଆ ଭାଷା ସାହିତ୍ୟ କାଳଜୟୀ । ଅଧିକରୁ ଅଧିକ ଓଡ଼ିଆ ପୁସ୍ତକ ଇଂରାଜୀରେ ଓ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ହେବା ଦ୍ୱାରା ଓଡ଼ିଆ ଭାଷା ସମୃଦ୍ଧି ହେବା ସହିତ ପାଠକ ଗୋଷ୍ଠୀ ନିକଟରେ ପହଞ୍ଚି ପାରିବାର ସାମର୍ଥ୍ୟ ହାସଲ କରୁଛି । ଏଭଳି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଜାତିର ଇତିହାସ ସର୍ବଭାରତୀୟ ସ୍ତରରେ ସୀକୃତ ଓ ସମ୍ମାନିତ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ସମାଜସେବୀ ଦୁର୍ଗାପ୍ରସନ୍ନ ଦାଶ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଶିଶୁ ସାହିତ୍ୟିକ ଅକ୍ଷୟ କୁମାର ଦାଶ, କୃଷକନେତା ବସନ୍ତ କୁମାର ପରିଡ଼ା, ଅଧ୍ୟାପକ ଗୋକର୍ଣ୍ଣେଶ୍ୱର ଦାଶ, କବି ସଂଗ୍ରାମ କେଶରୀ ଜେନା, ଅଧ୍ୟାପକ ପ୍ରଭାଷ ଚନ୍ଦ୍ର ଚୋଲ୍, କବି ସବିତା ମିଶ୍ର, ସସ୍ମିତା ଦାଶ, ସୁବାସ ଚନ୍ଦ୍ର ସାହୁ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁବନେତା ଉଗ୍ରସେନ ମହାନ୍ତି, ସ୍ୱେଚ୍ଛାସେବୀ ଦେବବ୍ରତ ରାଉତ ଓ ଅଧ୍ୟାପକ ବିଜୟ କୁମାର ନାୟକ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସଂପର୍କରେ ଆଲୋଚନା କରିଥିଲେ । ସାମ୍ବାଦିକ ସୀତାକାନ୍ତ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ ।

# ସମାଜ କଲ୍ୟାଣ ଶିକ୍ଷକ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଚହଟା ପଂଚାୟତର ବାଜାରସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ସମାଜ କଲ୍ୟାଣ ଶିକ୍ଷକ ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୁର୍ବାହ୍ନ ୧୦ଟାରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ମଣ୍ଡଳ ଶିକ୍ଷା ଅଧିକାରୀ ନିକୁ ବିହାରୀ ମାହାନ୍ତି ଉଦଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ସିଡିଏମଓ ଡା. ନିଜୟ କୁମାର ଶତପତୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଜାରକା ଇନରହୁଇଲର ପୁର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ରାଜ୍ୟ ସମର୍ଥ ସଭାପତି କାହ୍ନୁ ଚରଣ ଦାଶ, ଚହଟା ପଂଚାୟତ ସରପଂଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ, ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିଳିମା ମହାନ୍ତି, ସ୍କୁଲ କମିଟିର ସଭାପତି ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । କଟକ ରେଡକ୍ରସ ପକ୍ଷରୁ ଅବିନାଶ ଦାଶଙ୍କ ତତ୍ତ୍ୱାବଧାନରେ ୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅରବିନ୍ଦ ଦାସ ଓ ସେକ ସମସୁଦ୍ଦିନ ପରିଚାଳନା କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# କୁମାରୀ ପଂଚାୟତର ସରପଂଚଙ୍କୁ ବିପୁଳ ସମ୍ବର୍ଦ୍ଧନା



ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚଙ୍କୁ ପଞ୍ଚାୟତ ବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । କୁମାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜାରକା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଶତପଥୀ ଅଧକ୍ଷତା କରିଥିଲେ। ଉକ୍ତ ସଭାରେ ରାଜ୍ୟ ବିଜେଡ଼ି ମହିଳା ସମ୍ପାଦିକା ମମତା ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଓ ଧର୍ମଶାଳା ବିଧାୟକଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଯୋଗୁଁ ଓଡ଼ିଶା ବସୀ ପଂଚାୟତ ନିର୍ବାଚନରେ ବିଜେଡି ସମର୍ଥୀତ ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇଛନ୍ତି। ଅତିଥି ଭାବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡ଼ି ସଭାନେତ୍ରୀ ରେଣୁବାଳା ଶତପଥୀ, ବ୍ଲକ ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ୧୩ନଂ ଜୋନ କୋଡ଼ିନେଟର ବନଜିନୀ ପରିଡ଼ା, ପଞ୍ଚାୟତ ସଭାନେତ୍ରୀ ପୁଷ୍ପଲତା ବାରିକ ପ୍ରମୁଖ ଯୋଗଦେଇ କୁମାରୀ ପଞ୍ଚାୟତର ସରପଂଚ କ୍ଷୀରୋଦପ୍ରଭା ସାମଲଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଭୋଟ ଦେଇ ଜୟଯୁକ୍ତ କରିଥିବାରୁ ପଂଚାୟତବାସୀଙ୍କୁ ସ୍ୱାଗତ ଜଣାଇଥିଲେ। ସରପଞ୍ଚ ଶ୍ରୀମତୀ ସାମଲ ଉନ୍ନୟନ ମୂଳକ କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ ସରପଂଚ ପ୍ରଭୁ ରନ ସାମଲ ଭୋଟର ଭାଇ ମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସୁବାସ ମହାରଣା ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ନନ୍ଦ ସୂଚନା ପ୍ରଦାନ କରିଥିଲେ। ପଂଚାୟତର ୱାର୍ଡ଼ ସଭ୍ୟ/ସଭ୍ୟା ମାନେ ସରପଞ୍ଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ସାହୁ, ଅଭୟାନନ୍ଦ ସାରଦା, ବାସୁଦେବ ମିଶ୍ର, ବାସୁଦେବ ପରିଡ଼ା, ରନ ପାଳ ପ୍ରମୁଖ ନିର୍ବାଚନୀ ପ୍ରଚାର ଅଭିଜ୍ଞତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶେଷରେ ରାଜକିଶୋର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ଶିକ୍ଷାଭ୍ରମଣ

ଧର୍ମଶାଳା, (ପିଏନ୍): ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଦିନିକିଆ ଶିକ୍ଷାଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିକ୍ଷାଭ୍ରମଣ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ କର୍ମକର୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ । ଚଳିତ ବର୍ଷ କେଉଁଝର ଜିଲ୍ଲା ଘଟଗାଁସ୍ଥିତ ମାତାରିଣୀ ପୀଠ,ବଡଘାଗରା, ସାନଘାଗରା ଓ ବଳଦେବଜିୟୁ ମନ୍ଦିର ଦର୍ଶନ କରି ତାର ଇତିହାସ ସମ୍ପର୍କରେ ଅବଗତ ହୋଇଥିଲେ ।ରବିବାର ସକାଳ ୬ଟାରୁ ଜାରକାସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟରୁ ଏକ ବସ ଯୋଗେ କେଉଁଝର ଯାଇ ପ୍ରଥମେ ଘଟଗାଁସ୍ଥିତ ଅଧିଷ୍ଠାତ୍ରି ଦେବୀ ମା ତାରିଣୀଙ୍କ ଦର୍ଶନ କରି କୃପାଲାଭ କରିବା ପରେ ବଡଘାଗରାରେ ପହଂଚି ଏକ ବଣଭୋଜିର ଆୟୋଜନ କରିଥିଲେ । ପରେ ସାନଘାଗରା ଓ ପ୍ରସିଦ୍ଧ ବଳଦେବଜୀୟୁ ମନ୍ଦିରରେ ଚତୁର୍ଦ୍ଧା ମୂର୍ତି ଦର୍ଶନ କରି ଫେରିଆସିଥିଲେ ।

# ବାଲିଅନ୍ତା ବ୍ଲକରେ ଏମଜିଏନଆରଜିଏସ ଜନ ଶୁଣାଣୀ ଶିବିର



ବାଲିଅନ୍ତା,(ପି.ଏନ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକରେ ସୋମବାର ଦିବା ୧୧ ଘଟିକା ସମୟରେ ଏମଜିଏନଆରଜିଏସ କାର୍ଯ୍ୟ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ କାର୍ଯ୍ୟକ୍ରମ ବ୍ଲକ ସ୍ତରୀୟ ଜନ ଶୁଣାଣୀ ଶିବିର ଆର୍ଥିକ ବର୍ଷ ୨୦୨୦-୨୧ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନବନିର୍ବାଚିତ ଜନ ପ୍ରତିନିଧି ତଥା ଜିଲ୍ଲାପରିଷଦ ସଭ୍ୟସଭ୍ୟା, ପଚଂାୟତ ସମିତି ସଭ୍ୟସଭ୍ୟା ଓ ବିଭିନ୍ନ ପଂଚାୟତର ସରପଂଚ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଥମେ ବ୍ଲକ ମଙ୍ଗଳ ଉନ୍ନୟନ ଅଧିକାରୀ ବୀରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ପରେ ବ୍ଲକ ଏପିଓ ଶିବାନୀ ପଣ୍ଡା ବିଭିନ୍ନ ପଂଚାୟତରେ ହୋଇଥିବା ଏମଜିଏନଆରଜିଏସ୍ କାର୍ଯ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ସାମାଜିକ ମୁଖ୍ୟ ସମୀକ୍ଷକ (ଏମଜିଏନଆରଜିଏସ) ପ୍ରତ୍ୟୁଷ ମହାରଣା ବିଭିନ୍ନ ପଂଚାୟତରୁ ଯୋଗ ଦେଇଥିବା ଜିଆରଏସ୍‌ମାନଙ୍କୁ ପ୍ରକଳ୍ପ କାର୍ଯ୍ୟରେ ଥିବା ତ୍ରୁଟି ସମ୍ପର୍କରେ ତାଗିଦ କରିବା ସହିତ କାର୍ଯ୍ୟରେ ବ୍ୟବହୃତ ନିତୀ ନିୟମ ବିଷୟରେ ଅବଗତ କରାଇଥିଲେ । ଗାଁ ସାଥି ତରଫରୁ ବିଭିନ୍ନ ପଂଚାୟତରୁ ଆସିଥିବା ଅଭିଯୋଗ ବିଷୟରେ ମଧ ଅଲୋଚନା କରାଯାଇଥିଲା । ଗାଁ ସାଥି ସେମାନଙ୍କର ପାପ୍ୟ ପାଇବାରେ ବିଳମ୍ବ, ପ୍ରକଳ୍ପରେ ବ୍ୟବହାର ହେଉଥିବା ନାମ ଫଳକରୁ ନିର୍ଦ୍ଧାରିତ ମୂଲ୍ୟ ନ ପାଇବା ଓ ବ୍ୟବହାର ହେଉଥିବା ଉପକରଣ ବାବଦକୁ ଅର୍ଥ ନ ମିଳିବା ସମ୍ପର୍କରେ ଅଲୋଚନା କରାଯାଇଥିଲା । ଆଗାମୀ ଦିନରେ ଅଧିକରୁ ଅଧିକ କାର୍ଯ୍ୟ ଦିବସ କିପରି ସୃଷ୍ଟି ହୋଇ ପାରିବ ସେ ନେଇ ପରାମର୍ଶ ଦେଇଥିଲେ । ଲାଇନସ୍ ବିଭାଗ ତଥା ଉଦ୍ୟାନ ବିଭାଗ ଓ ମୃତିକା ସଂରକ୍ଷଣ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦାନ କରି ସେମାନଙ୍କ ଦ୍ୱାରା କରା ଯାଇଥିବା ପ୍ରକଳ୍ପ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପାଢ଼ି, ମନୋରଂଜନ ସାହୁ, ସୁଶ୍ରୀ ସଂଗିତା ବେଉରା, ମାନସୀ ସ୍ୱର୍ଣ୍ଣଲତା, ସୋନିଆ ରାଣୀ ସାହୁ ଓ ତାପସ ରଂଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନ ୧୧ଟାରୁ ୩ ଟା ଯାତ୍ରୀ ପରିବହନ ଉପରେ କଟକଣା

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦିନ ୧୧ଟାରୁ ଦିନ ୩ ଟା ଯାଏଁ ଯାତ୍ରୀ ପରିବହନ ଉପରେ କଟକଣା ଜାରି କରିଛନ୍ତି। । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରିଛି ପରିବହନ ବିଭାଗ। ମାର୍ଗଦର୍ଶିକା ଅନୁଯାୟୀ ଯାତ୍ରୀଙ୍କ ବିଶ୍ରାମ ପାଇଁ ଛାୟାଯୁକ୍ତ ଶୀତଳ ସ୍ଥାନ ରହିବ। ଯାତ୍ରୀବାହୀ ବସ୍ ଗୁଡ଼ିକରେ ପିଇବା ପାଣି, ଓଆରଏସ୍ ଓ ବରଫ ପ୍ୟାକ୍ ରଖାଯିବ ।

# ଜମିବାଡି ବିବାଦକୁ କେନ୍ଦ୍ର କରି ବଡ ଭାଇ ଉପରେ ଟ୍ରକ ଚଢ଼ାଇ ହତ୍ୟା କଲା ସମ୍ପର୍କୀୟ ଭାଇ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ବଡ ଭାଇ ଉପରେ ଟ୍ରକ ଚଢ଼ାଇ ହତ୍ୟା କଲା ସମ୍ପର୍କୀୟ ସାନଭାଇ । ସୂଚନା ମୁତାବକ ବାଲିସାହି ଗ୍ରାମର ରଥ ମଳିକ ଓ ଚୈତନ୍ୟ ମଳିକଙ୍କ ପରିବାର ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା । ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଗତ ୩ ଦିନ ତଳେ ଝଗଡା ଲାଗିଥିଲା । ତେବେ ଏହି ଘଟଣାକୁ ନେଇ ଗତକାଲି ରାତିରେ ଜଘନ୍ୟକାଣ୍ଡ ଘଟିଥିଲା । ଟ୍ରକ ଚଲାଉଥିବା ଚୈତନ୍ୟ ମଳିକଙ୍କ ପୁଅ ସୁଶାନ୍ତ ମଳିକ (୩୦) ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ବଲିସାହିକୁ ଆସି ରଥ ମଳିକଙ୍କ ପୁଅ ଅକ୍ଷୟ ମଳିକ (୪୨)କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଘରୁ ବାହାର ବୋଲି ଧମକ ଦେଇଥିଲା । ଏହି ସମୟରେ ଅକ୍ଷୟ ଘରୁ ବାହାରି ପଡିଆଡେ ଯାଉଥିଲା । ସୁଶାନ୍ତ ଏହା ଦେଖି ହଠାତ ସେ ଚଳାଉଥିବା ଟ୍ରକ ଷ୍ଟାଟ କରି ଅକ୍ଷୟ ଉପରେ ଚଢ଼ାଇ ଦେଇଥିଲା । ପରିବାର ଲୋକେ ଅକ୍ଷୟକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଧର୍ମଶାଳା ଡକ୍ତରଖାନାରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ରାତିରେ ଜେନାପୁର ପୋଲିସ ବାଲିସାହିରେ ପହଁଚି ଘଟଣା ସମ୍ପର୍କରେ ଅବଗତ ହେବା ସହ ଅଭିଯୁକ୍ତ ସୁଶାନ୍ତକୁ ଗିରଫ କରିଥିଲା । ଏଥିସହ ସେ ଚଳାଉଥିବା ଓଆର ୦୯ ଏଚହ- ୮୩୬୦ ନଂ ଟ୍ରକକୁ ଜବତ କରିଥିଲା ବେଳେ ଆଜି ମୃତକର ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ୬୬/୨୨ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡଚଣା ଡାକ୍ତଖାନା ପଠାଇ ଅଧିକ ତଦନ୍ତ ଚଳାଇଛି । ତେବେ ଅଭିଯୁକ୍ତ ସୁଶାନ୍ତକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନାଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଚଳତ ବର୍ଷ ଜାରକା ମେଳଣ ବାତିଲ

ଧର୍ମଶାଳା, (ପିଏନ୍): ୧୬ ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଚାଲୁଥିବା ସହ କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜାରକା ମେଳଣ ହେବା ନାହିଁ ବୋଲି କମିଟିର ସମ୍ପାଦକ ସୁଚନା ଦେଇଛନ୍ତି । ମେଳଣର ପରମ୍ପରା ଓ ବିଧି ରକ୍ଷା ନିମନ୍ତେ ଥାନପତି ବିମାନକୁ ନିମନ୍ତ୍ରଣ କରାଯିବାକୁ କମିଟି ପକ୍ଷରୁ ସ୍ଥିର କରାଯାଇଛି । ଏନେଇ ଜାରକାସ୍ଥିତ ଧର୍ମଶାଳା କ୍ଲ ପରିସରରେ କମିଟିର ସଭାପତି ଅଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭ୍ୟ ବାବାଜି ପରିଡା, ଇନ୍ଦ୍ରମଣି ନାୟକ, କିଶୋର ନାୟକ, ରାମଚନ୍ଦ୍ର ମଳିକ, ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ସତ୍ୟପ୍ରିୟ ମହାନ୍ତି, ଅଜାମ୍ବର ସାହୁ, ଅନିରୁଦ୍ଧ ରାଉତ, ଜୟପ୍ରକାଶ ତ୍ରିପାଠୀ, ମନୋଜ ଦାସ, ବ୍ରଜ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଟ୍ରାଫିକ ସମସ୍ୟା ଦୁରଦୃଷ୍ଟିରେ ରଖି ଚଳିତ ବର୍ଷ ମେଳଣ ବନ୍ଦ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା ।

# ୧୯୮୩ (ବରିଷ୍ଠ) ବ୍ୟାଚ୍ ବାର୍ଷିକ ବନ୍ଧୁମିଳନ




ଆଠଗଡ଼,(ପି.ଏନ): ଆଠଗଡ଼ସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୮୩ (ବରିଷ୍ଠ) ମାଟ୍ରିକ ବ୍ୟାଚ୍‌ର ବାର୍ଷିକ ସମିଳନୀ ନ୍ତବନ୍ଧୁମିଳନ ନ୍ତଗତ ଫେବୃଆରୀ ମାସ ୨୭ ତାରିଖ ରବିବାର ଦିନ ସ୍ଥାନୀୟ ମା ଉତ୍ତରାଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି ଓ ଏହି ସମିଳନୀ ରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ବନ୍ଧୁ ଆସି ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱତନ୍ତ୍ର ଅତିଥି ଭାବରେ ଓଡ଼ିଶାର ସୁନାମଧନ୍ୟ ଭଜନ ଗୀତିକାର ରାଧାନାଥ ଦାସ ଯୋଗଦେବା ସହ କେକ୍ କାଟି ୧୫ ତମ ବନ୍ଧୁମିଳନର ଶୁଭ ଉଦଘାଟନ କରିଥିଲେଓ ପରେ ପରେ ଦିବଂଗତ ସଭ୍ୟ ସ୍ୱର୍ଗତଃ ସୌଭାଗ୍ୟ କୁମାର ରାୟ ଙ୍କ ଉଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଓ ଆଠଗଡ ଟାଉନ ସ୍ଥିତ ପଦ୍ମସାହିର ଯୁବ ବୈଜ୍ଞାନିକ ଡଃ. ନୀଳାଦ୍ରି ଦାସ କର୍କଟ ରୋଗ ଉପରେ ଅଧିକ ଗବେଷଣା ପାଇଁ କଲିଫର୍ନିଆ ସ୍ଥିତ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ କୁ ମନୋନୀତ ହୋଇଥିବା ଯୋଗୁ ତାଙ୍କୁ ସମ୍ମାନିତ କରାଯାଇଥିଲା ଓ ୨୦୨୨ ନୂଆବର୍ଷର ବନ୍ଧୁମିଳନ କ୍ୟାଲେଣ୍ଡର କୁ ଉନ୍‌ମୋଚ଼ନ କରାଯିବା ସହ ସଭ୍ୟ ତଥା ଆଇନଅଜୀବି ବିଶ୍ୱଜିତ ପାଣି ଓ ସମାଜସେବୀ ପାର୍ଥସାରଥୀ ପଟନାୟକଙ୍କ ଅନୁଷ୍ଠାନ ପ୍ରତି ସ୍ୱତନ୍ତ୍ର ଅବଦାନ ପାଇଁ ଉଭୟଙ୍କୁ ସମ୍ମାନିତ କରାଯାଇଥିଲା ଓ ଉଭୟ ବିଦ୍ୟାଳୟକୁ ସରକାରଙ୍କ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଥିବାରୁ ଏହି ପୁରାତନ ଛାତ୍ର ଛାତ୍ରୀ ମାନେ ଭୂୟସୀ ପ୍ରଶଂସା କରିବାସହ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଙ୍କ ପ୍ରତି ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି କାଯ୍ୟକ୍ରମ କୁ ସ୍ୱର୍ଣ୍ଣଲତା ପଟନାୟକ, ଚ଼ାରୁଲତା ଦାସ, ପୀତବାସ ବେହେରା, ପ୍ରଶାନ୍ତ ରାଉତ, ଗୌରୀ ସାହୁ, ରତିକାନ୍ତ ପ୍ରଧାନ, ସନ୍ତୋଷ କୁମାର ସାହୁ, ଧନେଶ୍ୱର ସାମନ୍ତରାୟ, କମଳିନୀ ଦାସ ଓ ଗୁରୁଦୁତ୍ତ ନାୟକ ପ୍ରମୁଖ ପରିଚ଼ାଳନା କରିଥିଲେ।

# ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସର ପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ

 କଣାସ,(ପି.ଏନ) : ପୁରୀ ଜିଲ୍ଲା ସତ୍ୟବାଦୀ ଦୟାବିହାର କଣାସ ଗ୍ରାମରେ ଏକ ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ "ନୀଳାଚଳ ସେବା ପ୍ରତିଷ୍ଠାନ"ର ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଅବସର ପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟାହ୍ନ ଭୋଜନ ପ୍ରଦାନ ସହିତ ସେଠାରେ ଥିବା ବିଭିନ୍ନ ବିଭାଗକୁ ଯାଇ ଅନ୍ତେବାସୀଙ୍କ ସହିତ ସଧା ସଳଖ ସେମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ଓ ସେଠାରେ ମିଳୁଥିବା ସାହାର୍ଯ୍ୟ ଓ ଖାଦ୍ୟପେୟ ବିଷୟରେ ଅଲୋଚନା କରବା ସହିତ ଅନୁଷ୍ଠାନର ପରିଚାଳକ ସୁବାସ ବଳିଆରସିଂଙ୍କ ସହିତ ସାକ୍ଷାତ



କରି ଅନ୍ତେବାସୀଙ୍କ ବିଷୟରେ ଅଲୋଚନା କରିଥିଲେ । ଏହି ସେବା ମୂଳକ କାର୍ଯ୍ୟକ୍ରମରେ ଉପଦେଷ୍ଟା ସାରଦା ମହାପାତ୍ର, ଶ୍ୟାମ ସୁନ୍ଦର ତ୍ରିପାଠୀ, ସଭାପତି ନିକୁଞ୍ଜ ମହାନ୍ତି, ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ୟାରିମୋହନ ଦାସ, ଉପସଭାପତି ପ୍ରଫୁଲ୍ଲ ସାମନ୍ତସିଂହାର, ବୈକୁଣ୍ଠ ମହାରଣା, କମଳ ବିଶ୍ୱାଳ, ସୁରେଶ ବିଶ୍ୱାଳ, ଗଗନ ଚନ୍ଦ୍ର ମଙ୍ଗରାଜ, ଦେବେନ୍ଦ୍ର ମିଶ୍ର, ଦେବରାଜ ପ୍ରଧାନ, ଅବିନାଶ ମହାନ୍ତି ଓ ରୋଜାଳିନ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray